আজি - ମଙ୍ଗଳବାର
ତାରିଖ - ୦୭ ଅପ୍ରେଲ ୨୦୨୬
ମାସ - ମୀନ, ଦିନ - ୨୪
ତିଥି - ପଂଚମୀ, ପକ୍ଷ-କୃଷ୍ଣ
ନକ୍ଷତ୍ର - ଜ୍ୟେଷ୍ଠା, ବିଛା, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୩୯: ୦୦
ସୂର୍ଯ୍ୟାସ୍ତ - ୫ : ୪୯ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ନିଜର ଦେଶ ସ୍ୱାଧୀନ ବୋଲି ଅନୁଭବ କରିବା ପ୍ରତ୍ୟେକ ନାଗରିକଙ୍କର ଦାୟିତ୍ୱ ଏବଂ ଦେଶର ସ୍ୱାଧୀନତାକୁ ଅକ୍ଷୁଣ୍ଣ ରଖିବା ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ ।"
- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍


E-News : www.Ajikali epaper.com

Vol.- 40 ISSUE- 353 R.N.I. REGD. No. 44026/86 ବାଲେଶ୍ୱର ୦୭ ଅପ୍ରେଲ ୨୦୨୬ ମଙ୍ଗଳବାର BALASORE 07 APRIL 2026 TUESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ରାଉରକେଲାରେ ଜନଜାତି ସଂଗ୍ରହାଳୟ ଉଦ୍‌ଘାଟନ କରିବେ ରାଷ୍ଟ୍ରପତି



ରାଉରକେଲା : ଚଳିତ ମାସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଉରକେଲା ଆସିବେ ବୋଲି କାର୍ଯ୍ୟକ୍ରମ ରହିଛି । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି ସୂଚନା ମିଳିଛି । ରାଷ୍ଟ୍ରପତି ରାଉରକେଲାର ହକି ଛକ ନିକଟରେ ଥିବା ଜନଜାତି ସଂଗ୍ରହାଳୟ (ଟ୍ରାଇବାଲ ମ୍ୟୁଜିୟମ୍)ର ଉଦ୍‌ଘାଟନ କରିବେ । ତେବେ ରାଷ୍ଟ୍ରପତି କେଉଁ ତାରିଖରେ ଆସିବେ ତାହା ଧାର୍ଯ୍ୟ ହୋଇନାହିଁ । ରାଉରକେଲା ସ୍ମାର୍ଟ ସିଟି ପକ୍ଷରୁ ହକି ଛକ ନିକଟରେ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ରାଉରକେଲା ୱାନ୍ ପ୍ରକଳ୍ପ ନିର୍ମାଣ କରାଯାଉଛି । ରାଉରକେଲା ୱାନ୍‌ରେ ଜନଜାତି ସଂଗ୍ରହାଳୟ ସମେତ ଆଇସିସିସି (ଇଂଟିଗ୍ରେଟେଡ୍ କମାଣ୍ଡ କଂଟ୍ରୋଲ ସେଂଟର) ଓ ଅଡିଟୋରିୟମ୍ ପ୍ରସ୍ତୁତ ହୋଇଛି । ଇତିମଧ୍ୟରେ ଆଇସିସିସି କାର୍ଯ୍ୟକ୍ଷମ ହୋଇଯାଇଥିବା ବେଳେ ଜନଜାତି ସଂଗ୍ରହାଳୟ ଉଦ୍ଘାଟନ ଅପେକ୍ଷାରେ ରହିଛି । ଏହି ସଂଗ୍ରହାଳୟ ବର୍ତ୍ତମାନ ରାଉରକେଲା ସ୍ମାର୍ଟ ସିଟି ଅଧୀନରେ ଥିବା ବେଳେ ଏହାର ଉଦ୍‌ଘାଟନ ପରେ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗକୁ ହସ୍ତାନ୍ତର କରାଯିବ । ସଂଗ୍ରହାଳୟରେ ଜନଜାତି ଲୋକଙ୍କ ବିବିଧ ସାଂସ୍କୃତିକ, ଧାର୍ମିକ ଏବଂ ସାମାଜିକ ବ୍ୟବସ୍ଥାକୁ ନେଇ କଳାକୃତି ସ୍ଥାପିତ କରାଯାଇଛି । ଏଥିରେ ଜାତିଗତ କଳା, ପାରମ୍ପରିକ କଳାକୃତି ଏବଂ ସାଂସ୍କୃତିକ ଉପାଦାନଗୁଡ଼ିକର ପ୍ରଦର୍ଶନ କରାଯାଇଛି ।

## ଆସାମର ଦିବ୍ରୁଗଡ଼ରେ ନିର୍ବାଚନୀ ରାଲିକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ

ଦିବ୍ରୁଗଡ଼ : ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର କଂଗ୍ରେସ ଦଳକୁ ବିକାଶ ବିରୋଧୀ ଏବଂ ଦଳର ନେତୃତ୍ୱକୁ ସବୁଠାରୁ ଦୁର୍ନୀତିଗ୍ରସ୍ତ ବୋଲି କହିଛନ୍ତି । ନ୍ୟାସନାଲ ହେରାଲ୍ଡ ମାଧ୍ୟମରେ ସେ ଗାନ୍ଧୀ ପରିବାର ଉପରେ ପ୍ରମୁଖ ସହରଗୁଡ଼ିକରେ ଜମି ହଡ଼ପ କରିବାର ଅଭିଯୋଗ ଆଣିଛନ୍ତି । ସେ କହିଛନ୍ତି ଯେ ଭୋଟ ବ୍ୟାଙ୍କ କାରଣରୁ ବିକାଶ ନାମରେ ରାସ୍ତା, ରେଳ ଏବଂ ଶିଳ୍ପ ପାଇଁ ଜମି ଦିଆଯାଉଥିବାକୁ ଦଳ ବିରୋଧ କରୁଛି । ଆସାମର ଦିବ୍ରୁଗଡ଼ରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ମୋଦି କହିଛନ୍ତି ଯେ କଂଗ୍ରେସ ଅନୁପ୍ରବେଶକାରୀଙ୍କୁ ଆଶ୍ରୟ ଦେବା ପାଇଁ ଜମି ହଡ଼ପ ପ୍ରସଙ୍ଗ ଉଠାଉଛି । ସେ କହିଛନ୍ତି, 'ଆଜି କଂଗ୍ରେସ ଜମିକୁ ମନେ ପକାଇଲା କାରଣ ସେମାନଙ୍କ ଅନୁପ୍ରବେଶକାରୀ ଭୋଟ ବ୍ୟାଙ୍କରୁ ଜମି ଛଡ଼ାଇ ନିଆଯାଉଛି । ଏହା ଜମି ହଡ଼ପ ପଛରେ ସବୁଠାରୁ ବଡ଼ କାରଣ । ଏହା ଅନୁପ୍ରବେଶକାରୀଙ୍କୁ ଆଶ୍ରୟ ଦେବା ପାଇଁ କଂଗ୍ରେସର ଖେଳ ଯୋଜନା । ବିଜେପିର ବରିଷ୍ଠ ନେତା କହିଛନ୍ତି ଯେ କଂଗ୍ରେସ ଚାଷୀ ଏବଂ ଆଦିବାସୀଙ୍କ ଜମି, କାଜିରଙ୍ଗା ଭଳି ଆମର ଗର୍ବ ଭୂମି,



ଅନୁପ୍ରବେଶକାରୀଙ୍କୁ ଦେଇଦେଇଛି । ତାଙ୍କ ଦଳର ସରକାର ଲକ୍ଷ ଲକ୍ଷ ଏକର ଏପରି ଜମିରୁ ଅନୁପ୍ରବେଶକାରୀଙ୍କୁ ବିତାଡିତ କରିଛି, ଏବଂ ଏହା ହିଁ କଂଗ୍ରେସକୁ କଷ୍ଟ ଦେଉଛି । ସେ କହିଛନ୍ତି ଯେ ବିକାଶ ବିଷୟରେ କଂଗ୍ରେସର ଚିନ୍ତାଧାରା ଏହାର ନିର୍ବାଚନ ପ୍ରଚାରରେ ମଧ୍ୟ ସ୍ପଷ୍ଟ । ଦଳୀୟ ନେତାମାନେ ଦାବି କରୁଛନ୍ତି ଯେ ବିଜେପି-ଏନଡିଏ ସରକାର ରାସ୍ତା, ରେଳ ଏବଂ ଶିଳ୍ପ ପାଇଁ ଜମି ଆବଂଟନ କରିଥିଲେ । ଏହାର ଅର୍ଥ ହେଉଛି ଯେ କଂଗ୍ରେସ ଆସାମ ଲୋକଙ୍କ ପାଇଁ ଆବଂଟିତ ଜମି, କୃଷକଙ୍କ ସୁବିଧା ଏବଂ ଯୁବକଙ୍କ ନିଯୁକ୍ତିକୁ ବିରୋଧ କରୁଛି । ଯଦି କଂଗ୍ରେସ ତାଙ୍କ ସମୟରେ ବିକାଶ ପାଇଁ ଜମି ଆବଂଟନ କରିଥାନ୍ତା, ତେବେ ଆସାମବାସୀଙ୍କ ଅନେକ ପିଢ଼ି ଦୁଃଖ ଭୋଗିବାକୁ ପଡ଼ିନଥାନ୍ତା । ପ୍ରଧାନମନ୍ତ୍ରୀ ଅଭିଯୋଗ କରିଛନ୍ତି ଯେ ସରକାର ଚା ବଗିଚା ଶ୍ରମିକଙ୍କ ପୋଷାକ ଏବଂ ସଂସ୍କୃତିକୁ ବଦନାମ କରୁଛି । କଂଗ୍ରେସ ଚା ବଗିଚା ଶ୍ରମିକଙ୍କ ସହିତ ତାଙ୍କର କଥାବାର୍ତ୍ତାକୁ ମଧ୍ୟ ମଳିନ କରିଛି । କଂଗ୍ରେସ ସଦସ୍ୟମାନେ ଏଆଇ ବ୍ୟବହାର କରି ନକଲି ପ୍ରତିଛବି ସୃଷ୍ଟି କରୁଛନ୍ତି ।

## ୨୩ ଜିଲ୍ଲା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଘୋଷଣା କଲେ ରାଜ୍ୟ ସରକାର

ଭୁବନେଶ୍ୱର : ସ୍ପେଶାଲ ଡେଭଲପମେଂଟ କାଉନସିଲକୁ ବଡ଼ ଅପଡେଟ୍ । ଘୋଷଣା ହେଲେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ । ରାଜ୍ୟ ସରକାର SDC ଘୋଷଣା କରିଛନ୍ତି । ରାଜ୍ୟ ୨୩ ଜିଲ୍ଲା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଘୋଷଣା ହୋଇଛି । ରାଜ୍ୟ ସରାକାର ଏକ ବିଜ୍ଞପ୍ତି ମାଧ୍ୟମରେ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷଙ୍କ ନାମ ଜାରି କରିଛନ୍ତି । ଅନୁଗୁଳ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ହୋଇଛନ୍ତି ବଶିଷ୍ଠ ନୟକ ଏବଂ ଉପାଧ୍ୟକ୍ଷ ହୋଇଛନ୍ତି ସୁରୁମଣି ଛତର । ସେହିପରି ବଲାଙ୍ଗିର ଜିଲ୍ଲାରେ ବଲ୍ଲଭ ଧରୁଆ (ଅଧ୍ୟକ୍ଷ) ଏବଂ ଜୟନ୍ତୀ ଭୋଇ (ଉପାଧ୍ୟକ୍ଷ), ବାଲେଶ୍ୱର ଜିଲ୍ଲାରେ ବିପିନ୍ ମାରାଣ୍ଡି (ଅଧ୍ୟକ୍ଷ) ଏବଂ ଝରଣା ସିଂ (ଉପାଧ୍ୟକ୍ଷ), ବରଗଡ଼ ଜିଲ୍ଲାରେ ଗୋବର୍ଦ୍ଧନ ଭୋଏ (ଅଧ୍ୟକ୍ଷ) ଏବଂ ତିଳତୋମା ଭୁଏ (ଉପାଧ୍ୟକ୍ଷ), ବୌଦ୍ଧ ଜିଲ୍ଲାରେ ଡମରୁ ଧର କହଁର (ଅଧ୍ୟକ୍ଷ) ଏବଂ ଝରଣା ଜାନି (ଉପାଧ୍ୟକ୍ଷ), ଦେବଗଡ଼ ଜିଲ୍ଲାରେ ପ୍ରଶାନ୍ତ ବେହେରା (ଅଧ୍ୟକ୍ଷ) ଏବଂ ପ୍ରମିଳା କିଶାନ (ଉପାଧ୍ୟକ୍ଷ), ଢେଙ୍କାନାଳ ଜିଲ୍ଲାରେ ନାଉରି ସିଂ (ଅଧ୍ୟକ୍ଷ) ଏବଂ ସେବତୀ ଭୋଇ (ଉପାଧ୍ୟକ୍ଷ), ଗଜପତି ଜିଲ୍ଲାରେ



କାମଦେବ ବଡ଼ନାୟକ (ଅଧ୍ୟକ୍ଷ) ଏବଂ ପଙ୍କଜିନୀ ଦଳାଇ (ଉପାଧ୍ୟକ୍ଷ), ଗଞ୍ଜାମ ଜିଲ୍ଲାରେ ନୀଳମାଧବ ପାତ୍ର (ଅଧ୍ୟକ୍ଷ) ଏବଂ ଲଳିତା ପ୍ରଧାନ (ଉପାଧ୍ୟକ୍ଷ), ଯାଜପୁର ଜିଲ୍ଲାରେ ରାଜେନ୍ଦ୍ର କାନ୍ଦୁଲିଆ (ଅଧ୍ୟକ୍ଷ) ଏବଂ ଶାନି ଜରିକା (ଉପାଧ୍ୟକ୍ଷ), ଝାରସୁଗୁଡ଼ା ଜିଲ୍ଲାରେ ସାମଲ ନାଏକ (ଅଧ୍ୟକ୍ଷ) ଏବଂ ସଂଯୁକ୍ତା ଓରାମ (ଉପାଧ୍ୟକ୍ଷ), କଳାହାଣ୍ଡିରେ ବିଜୟ ଦିଶାରୀ (ଅଧ୍ୟକ୍ଷ) ଏବଂ ରୀନା ଭୋଇ (ଉପାଧ୍ୟକ୍ଷ), କନ୍ଧମାଳରେ ମାନଗୋବିନ୍ଦ ପ୍ରଧାନ (ଅଧ୍ୟକ୍ଷ) ଏବଂ କହ୍ନା କହଁର (ଉପାଧ୍ୟକ୍ଷ), କେନ୍ଦୁଝର ଜିଲ୍ଲାରେ ମମିତା ନାଏକ (ଅଧ୍ୟକ୍ଷ) ଏବଂ ମାନସ ନାଏକ (ଉପାଧ୍ୟକ୍ଷ), କୋରାପୁଟରେ ଭଗବାନ ମୁଦୁଲି (ଅଧ୍ୟକ୍ଷ) ଏବଂ ସୁକାନ୍ତି ମାଝୀ (ଉପାଧ୍ୟକ୍ଷ), ମାଲକାନଗିରିରେ ଗଙ୍ଗାଧର ସୋଡ଼ି (ଅଧ୍ୟକ୍ଷ) ଏବଂ ସାବିତ୍ରୀ ପଡ଼ିଆମି (ଉପାଧ୍ୟକ୍ଷ), ମୟୂରଭଞ୍ଜରେ ବୁଧାନ ମୁର୍ମୁ (ଅଧ୍ୟକ୍ଷ) ଏବଂ କୌଶଲ୍ୟା ନାଏକ (ଉପାଧ୍ୟକ୍ଷ), ନବରଙ୍ଗପୁରରେ ବାସନ୍ତୀ ମାଝି (ଅଧ୍ୟକ୍ଷ) ଏବଂ ଲିଙ୍ଗରାଜ ଭତ୍ରା (ଉପାଧ୍ୟକ୍ଷ), ନୟାଗଡ଼ ଜିଲ୍ଲାରେ ତ୍ରିନାଥ ମଲ୍ଲିକ (ଅଧ୍ୟକ୍ଷ) ଏବଂ ସମିତା ଦେହୁରୀ (ଉପାଧ୍ୟକ୍ଷ), ନୂଆପଡ଼ାରେ ହୋମେସିଂ ମାଝୀ (ଅଧ୍ୟକ୍ଷ) ଏବଂ ବେଲାମତି ମାଝୀ (ଉପାଧ୍ୟକ୍ଷ), ରାୟଗଡ଼ାରେ ବିଦ୍ୟାଧର ଶବର (ଅଧ୍ୟକ୍ଷ) ଏବଂ ମଞ୍ଜୁଳା ମିନିଆକା (ଉପାଧ୍ୟକ୍ଷ) ସମ୍ବଲପୁରରେ ଭଗିନ୍ଦ୍ର କିଶାନ (ଅଧ୍ୟକ୍ଷ) ଏବଂ ସୁଷମା ମୁଣ୍ଡା (ଉପାଧ୍ୟକ୍ଷ) । ସେହିପରି ସୁନ୍ଦରଗଡ଼ ଜିଲ୍ଲାରେ ସନ୍ତୋଷ ଅମାତ ଅଧ୍ୟକ୍ଷ ହୋଇଥିବା ବେଳେ ଗାଙ୍ଗି କିଣ୍ଡୋଙ୍କୁ ଉପାଧ୍ୟକ୍ଷ ଭାବେ ନିଯୁକ୍ତି କରାଯାଇଛି ।

## ଅଳ୍ପରେ ଖବର

▸▸ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ପ୍ରମୁଖ ସଚିବ ମନୋଜ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ଓଏସଡି ମଧ୍ୟ ରହିବେ । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି ।

▸▸ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୋମବାର ଉମରକୋଟ ନିର୍ବାଚନ ମଣ୍ଡଳୀରେ ଅନୁଷ୍ଠିତ ଭାରତୀୟ ଜନତା ପାର୍ଟିର ସ୍ଥାପନା ଦିବସରେ ଯୋଗ ଦେଇଛନ୍ତି । ଏକ୍ସରେ ସୂଚନା ଦେଇ ମନ୍ତ୍ରୀ ଲେଖିଛନ୍ତି ବିଶ୍ୱର ସର୍ବବୃହତ ରାଜନୈତିକ ଦଳ ହେଉଛି ଭାରତୀୟ ଜନତା ପାର୍ଟି ।

▸▸ ସ୍ୱତନ୍ତ୍ର ଉନ୍ନୟନ୍ ପରିଷଦ ଗଠନ ଉପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପ୍ରତିକ୍ରିୟା ରଖି କହିଛନ୍ତି ଯେ, ଏହା ପଦ ନୁହେଁ ଦାୟିତ୍ୱ । କାର୍ଯ୍ୟକର୍ତ୍ତାଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ।

▸▸ ମାସକ ଭିତରେ ଏଲପିଜିକୁ ନେଇ ଅନେକ ପଦକ୍ଷେପ ନିଆଯାଇଛି । ଏଲପିଜି, ପେଟ୍ରୋଲ ଓ ଡିଜେଲର ରାଜ୍ୟରେ କୌଣସି ଅଭାବ ନାହିଁ । ଗୋଟେ ଦୁଇଟି ସ୍ଥାନରେ ପେଟ୍ରୋଲ ଡିଜେଲ ମିଳିବାରେ ସମସ୍ୟା ହେଉଛି କିନ୍ତୁ ଅସୁବିଧା ନାହିଁ । ଏଲପିଜି ଗ୍ୟାସରେ କୌଣସି ସମସ୍ୟା ନାହିଁ ବୋଲି ଯୋଗାଣ ସଚିବ ସଂଜୟ ସିଂ କହିଛନ୍ତି ।

## ବିଜେପିର ପ୍ରତିଷ୍ଠା ଦିବସରେ ଯୋଗଦେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ପଶ୍ଚିମବଙ୍ଗ/ମେଦିନୀପୁର : ବିଜେପି କେବଳ ଏକ ରାଜନୈତିକ ଦଳ ନୁହେଁ, ବରଂ ଜନସେବାର ଏକ ଅନୁଷ୍ଠାନ । ଆମର କୋଟି କୋଟି କାର୍ଯ୍ୟକର୍ତ୍ତାଙ୍କ ତ୍ୟାଗ ଓ ପରିଶ୍ରମ ଯୋଗୁଁ ଆଜି ବିଜେପି ବିଶ୍ୱର ସର୍ବବୃହତ ସଂଗଠନ ହୋଇପାରିଛି । 'ମେରା ବୁଥ୍ ସବସେ ମଜବୁତ୍' କେବଳ ଏକ ସ୍ଲୋଗାନ ନୁହେଁ, ଏହା ଆମ ସଂଗଠନର ମେରୁଦଣ୍ଡ ବୋଲି ଆଜି ପଶ୍ଚିମବଙ୍ଗରେ ଭାରତୀୟ ଜନତା ପାର୍ଟିର ୪୭ତମ ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଆଜି ପଶ୍ଚିମବଙ୍ଗର ଏଗ୍ରା, ମେଦିନୀପୁର ଗସ୍ତ କରି ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ମନୋବଳ ବଢ଼ାଇବା ସହ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି । ଏଗ୍ରା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଦଳୀୟ ପତାକା ଉତୋଳନ କରିବା ସହ ଦଳର ପ୍ରତିଷ୍ଠାତା ଓ ମହାପୁରୁଷମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସମସ୍ତ ସମର୍ପିତ



କାର୍ଯ୍ୟକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ ଶ୍ରୀ ପ୍ରଧାନ । ପରେ ମେଦିନୀପୁରର ବୁଥ୍ ସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ସହ ସିଧାସଳଖ ଆଲୋଚନା କରି ସ୍ଥାନୀୟ ସମସ୍ୟା ଓ ସାଂଗଠନିକ ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ । ଏହି ଅବସରରେ ସେ କହିଛନ୍ତି, ବିଜେପି ସର୍ବଦା ଜନସେବାର ଆଦର୍ଶକୁ ନିଜ କାର୍ଯ୍ୟର ଆଧାର କରିଛି । ଐତିହ୍ୟ ଏବଂ ବିକାଶର ପ୍ରେରଣାରେ ସଂଗଠନ ପ୍ରତିଟି ନାଗରିକଙ୍କ ସେବା ପାଇଁ ଅଟଳ ଭାବେ ପ୍ରତିଶ୍ରୁତିବଦ୍ଧ । କୋଟି କୋଟି କାର୍ଯ୍ୟକର୍ତ୍ତା ଏହି ଅତୁଟ ସଂକଳ୍ପ ସହିତ ରାଷ୍ଟ୍ର ନିର୍ମାଣର ଯାତ୍ରାରେ ସମର୍ପିତ ଭାବେ ନିରନ୍ତର କାର୍ଯ୍ୟ କରୁଛନ୍ତି । ଆଜିର ଦିବସ ସେହି ମହାନ ତପସ୍ୱୀ ଏବଂ ରାଷ୍ଟ୍ରନିଷ୍ଠ ନେତୃତ୍ୱଙ୍କୁ ପ୍ରଣାମ କରିବାର ଅବସର, ଯେଉଁମାନେ ସେବା, ସମର୍ପଣ ଏବଂ ସିଦ୍ଧାନ୍ତ ଆଧାରରେ ଏହି ସଂଗଠନକୁ ଜନ-ଆସ୍ଥାର ପ୍ରତୀକ ଭାବେ ଗଢ଼ି ତୋଳିଛନ୍ତି । ଗାଁ-ଗାଁକୁ ସଂଗଠନର ବିଚାରଧାରା ପହଂଚାଉଥିବା ଆମର କର୍ମଠ କାର୍ଯ୍ୟକର୍ତ୍ତାଙ୍କ ତ୍ୟାଗ ଏବଂ ପରିଶ୍ରମ ହିଁ ବିଜେପିର ପ୍ରକୃତ ଶକ୍ତି । ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଅନ୍ତ୍ୟୋଦୟ' ମନ୍ତ୍ରକୁ ପାଥେୟ କରି ବିକଶିତ ଭାରତ ଗଠନରେ ବଙ୍ଗଳାର କାର୍ଯ୍ୟକର୍ତ୍ତାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି ।

## ଶପଥ ନେଲେ ଓଡ଼ିଶାର ୩ ରାଜ୍ୟସଭା ସାଂସଦ

ନୂଆଦିଲ୍ଲୀ : ଶପଥ ନେଲେ ଓଡ଼ିଶାର ୩ ରାଜ୍ୟସଭା ସାଂସଦ । ଓଡ଼ିଆରେ ଶପଥ ନେଲେ ୩ ରାଜ୍ୟସଭା ସାଂସଦ ମନମୋହନ ସାମଲ, ଦିଲ୍ଲୀପ ରାୟ ଓ ସଂତୃପ୍ତ ମିଶ୍ର । ଆସାମ ନିର୍ବାଚନରୁ ଫେରିଲେ ଶପଥ ନେବେ ସୁଜିତ କୁମାର । ବିଜେପିରୁ ମନମୋହନ ଏବଂ ସୁଜିତ ନିର୍ବାଚନ ଜିତିଥିଲେ । ବିଜେଡିରୁ ସଂତୃପ୍ତ ମିଶ୍ର ଜିତିଥିଲେ । ସ୍ୱାଧୀନ ଭାବେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ଦିଲୀପ ରାୟ । ସେହିପରି ଓଡ଼ିଶା ସମେତ ଅନ୍ୟାନ୍ୟ ରାଜ୍ୟରୁ ନିର୍ବାଚିତ ରାଜ୍ୟସଭା ସାଂସଦମାନେ ବି ଶପଥ ନେଇଛନ୍ତି । ପଶ୍ଚିମବଙ୍ଗ, ତାମିଲନାଡୁ ରାଜ୍ୟସଭା ସଦସ୍ୟ ଶପଥ ନେଇଛନ୍ତି । ଏନସିପି ନେତା ଶରଦ ପାୱାର, କେନ୍ଦ୍ରମନ୍ତ୍ରୀ ରାମଦାଶ ଅଠାୱାଲେ ଏବଂ ଡିଏମକେର ତିରୁଚି ସେଭା ଶପଥ ନେଇଛନ୍ତି । ମାର୍ଚ୍ଚ ୧୬ରେ ହୋଇଥିବା ରାଜ୍ୟସଭା ନିର୍ବାଚନରେ ବାଜି ମାରିଥିଲେ ବିଜେପିର ମନମୋହନ ସାମଲ, ସୁଜିତ କୁମାର, ବିଜେଡିର ସଂତୃପ୍ତ



ମିଶ୍ର ଓ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟ । କଂଗ୍ରେସ ଓ ବିଜେଡି ମିଳିତ ପ୍ରାର୍ଥୀ ଦତେଶ୍ୱର ହୋତା ଦିଲ୍ଲୀପଙ୍କ ଠାରୁ ପରାଜିତ ହୋଇଥିଲେ । ପ୍ରଥମ ପସନ୍ଦ ଭୋଟରେ ମନମୋହନ ସାମଲ ୩୫, ସୁଜିତ କୁମାର ୩୫ ଓ ସଂତୃପ୍ତ ମିଶ୍ର ୩୧ ଖଣ୍ଡ ଭୋଟ ମିଳିଥିଲା । ପ୍ରଥମ ପସନ୍ଦ ଭୋଟରେ ବିଜେପିର ମନମୋହନ, ସୁଜିତ ଓ ବିଜେଡିର ସଂତୃପ୍ତ ବିଜୟୀ ହୋଇଥିଲେ । ତେବେ ୪ର୍ଥ ଆସନ ପାଇଁ ବିଜେଡି ଓ କଂଗ୍ରେସର ମିଳିତ ପ୍ରାର୍ଥୀ ଦତେଶ୍ୱର ହୋତା ଓ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ମଧ୍ୟରେ ଲଢେଇ ହୋଇଥିଲା । ବିଜେଡି ଓ କଂଗ୍ରେସର ମିଳିତ ପ୍ରାର୍ଥୀ ଦତେଶ୍ୱର ହୋତାଙ୍କୁ ୨୩ ଖଣ୍ଡ ପ୍ରଥମ ପସନ୍ଦ ଭୋଟ ମିଳିଥିଲା । ସେହିପରି ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ମଧ୍ୟ ୨୩ ଖଣ୍ଡ ଭୋଟ ମିଳିଥିଲା । କିନ୍ତୁ ବିଧାୟକଙ୍କ ଦ୍ୱିତୀୟ ପସନ୍ଦ ଭୋଟରେ ବାଜି ଓଲଟିଥିଲା । ବିଧାୟକଙ୍କ ଦ୍ୱିତୀୟ ପସନ୍ଦ ଭୋଟରେ ଦିଲ୍ଲୀପ ବାଜି ମାରିଥିଲେ । ଦତେଶ୍ୱର ପରାଜୟ ହୋଇଥିଲେ ।

## ୧୦ ତାରିଖ ଯାଏଁ କାଳବୈଶାଖୀ ସମ୍ଭାବନା

ଭୁବନେଶ୍ୱର : କୁଆଡେ କିଛି ନଥିଲା । ଦିନବେଳା ପ୍ରବଳ ଖରା ହେଉଥିଲା । ତାତିରେ ସମସ୍ତେ ତ୍ରାହି ତ୍ରାହି ଡାକୁଥିଲେ । ଅପରାହ୍ନ ବେଳକୁ ହଠାତ୍ ଆକାଶକୁ କବଜା କରିନେଲା କଳା ବାଦଲ । ଚାହୁଁ ଚାହୁଁ ନିର୍ଦ୍ଧୁମ ବର୍ଷିଲା । ଖାଲି ବର୍ଷିଲାନି, ଘନ ଘନ ବଜ୍ରପାତ ଓ ବିଜୁଳି



ମାଡ଼ରେ ଚାରିଆଡ଼େ କମ୍ପିଥିଲା । କିଛି କିଛି ସ୍ଥାନରେ ପବନର ଝଟ୍‌କା ୪୦ରୁ ୫୦କିମି ଡେଇଁ ଯାଇଥିଲା । ବର୍ଷା ଓ ପବନଠାରୁ ବଜ୍ରପାତର ବିକଟାଳ ରଡ଼ି ସମସ୍ତଙ୍କ ଛାତିରେ ଛନକା ପୂରାଇଥିଲା । ରାଜଧାନୀ ଭୁବନେଶ୍ୱରରୁ ନେଇ ନୟାଗଡ଼, ଖୋର୍ଦ୍ଧା, କଟକ, ପୁରୀ, ଗଞ୍ଜାମ, ବାଲେଶ୍ୱର, ଭଦ୍ରକ, ରାୟଗଡ଼ା, ଢେଙ୍କାନାଳ, ଅନୁଗୁଳ, ଚାନ୍ଦବାଲି, ହୀରାକୁଦ, ଯାଜପୁରରେ ପ୍ରବଳ ବର୍ଷା ସମେତ ବିଜୁଳି ଓ ଘଡ଼ଘଡ଼ି ହୋଇଥିଲା । ବଜ୍ରପାତରେ ନୟାଗଡ଼ରେ ଜଣେ ଓ ଗଞ୍ଜାମର ଖଲିକୋଟରେ ଆଉ ଜଣକର ମୃତ୍ୟୁ ହୋଇଛି । ୧୦ ତାରିଖ ଯାଏ କାଳବୈଶାଖୀର ପ୍ରଭାବ ରହିବ । ଆସନ୍ତା ସପ୍ତାହ ଯାଏ ରାଜ୍ୟରେ ପଶ୍ଚିମା ଝଡ଼ ଓ କାଳବୈଶାଖୀର ପ୍ରଭାବରେ ଅପରାହ୍ନରେ ବିଜୁଳି ଓ ଘଡ଼ଘଡ଼ି ସହ ପବନ ବହିବ ବୋଲି ପ୍ରଫେସର ପଶୁପାଳକ ଆକଳନ କରିଛନ୍ତି । ରବିବାର ଅପରାହ୍ନରେ ଖୋର୍ଦ୍ଧାରେ ୩୨ମିମି ବର୍ଷା ରେକର୍ଡ ହୋଇଛି । ରାୟଗଡ଼ାରେ ୩୧.୬, ଢେଙ୍କାନାଳରେ ୨୭.୬, ଅନୁଗୁଳରେ ୧୦, ପୁରୀରେ ୭.୧, ଭୁବନେଶ୍ୱରରେ ୭.୨ ମିମି ବର୍ଷା ହୋଇଛି । ସୋମବାର କାଳବୈଶାଖୀର ପ୍ରଭାବରେ ଉତର ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ଝଡ଼ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଗଞ୍ଜାମ, ଗଜପତି ଓ ରାୟଗଡ଼ାରେ ଘଡ଼ଘଡ଼ି ସହ ବର୍ଷା ଓ ପବନ ହୋଇପାରେ । ୪୦ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ଅଛି । ୭ ଓ ୮ ତାରିଖ ଦୁଇ ଦିନ ଉତର ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଓ ଘଡ଼ଘଡ଼ି ଆଶଙ୍କା ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକକୁ ଏହି ସତର୍କତା ଜାରି କରାଯାଇଛି ।

## ବାହାର ରାଜ୍ୟର ୧୦ ବର୍ଷରୁ ଅଧିକ ପୁରୁଣା ବାଣିଜ୍ୟିକ ଗାଡ଼ି ଉପରେ କଟକଣା ଜାରି

ଭୁବନେଶ୍ୱର: ଓଡ଼ିଶାରେ ବାହାର ରାଜ୍ୟର ପୁରୁଣା ବାଣିଜ୍ୟିକ ଗାଡ଼ି ଉପରେ କଟକଣା ଜାରି ହୋଇଛି । ୧୦ ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା ବାଣିଜ୍ୟିକ ଗାଡ଼ି ଉପରେ ଲାଗିଲା କଟକଣା । ପୁରୁଣା ଗାଡ଼ିକୁ ନୂଆ ପରମିଟ୍ ମଧ୍ୟ ପ୍ରଦାନ ନ କରିବାକୁ ନିଷ୍ପତି ନିଆଯାଇଛି । ଏପରି ଗାଡ଼ିର ମାଲିକାନା ହସ୍ତାନ୍ତର କିମ୍ବା କୌଣସି ଟିକସ ଗ୍ରହଣ ଉପରେ ବି ଅଙ୍କୁଶ ଲାଗିଛି । STA ବୈଠକରେ ନିଆଯାଇଥିବା ନିଷ୍ପତି ଲାଗୁ କରିବାକୁ ଜଞ୍ଜଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ପରିବହନ ବ୍ୟବସ୍ଥାକୁ ଉନ୍ନତ ଏବଂ ଯାତ୍ରୀମାନଙ୍କ ନିରାପତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଗ୍ରହଣ କରାଯାଇଛି । ୧୯ ଜୁଲାଇ ୨୦୨୩ରେ ରାଜ୍ୟ ପରିବହନ ପ୍ରାଧିକରଣର ୩୦୧ତମ ବୈଠକରେ ନିଆଯାଇଥିବା ନିଷ୍ପତି କାର୍ଯ୍ୟକାରୀ କରିବାକୁ ସମସ୍ତ ଆରଟିଓଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି । ଏହି ନିର୍ଦ୍ଦେଶନାମା



ଅନୁଯାୟୀ, ଅନ୍ୟ ରାଜ୍ୟରେ ପଞ୍ଜିକୃତ ହୋଇଥିବା ୧୦ ବର୍ଷରୁ ଅଧିକ ପୁରୁଣା ବାଣିଜ୍ୟିକ ଗାଡ଼ିଗୁଡ଼ିକର ଓଡ଼ିଶା ମଧ୍ୟକୁ ପ୍ରବେଶ ଓ ପରିଚାଳନା ଉପରେ କଟକଣା ଲାଗୁ କରାଯାଇଛି । ନିର୍ଦ୍ଧାରିତ ସମୟସୀମା ଅତିକ୍ରମ କରିଥିବା ବାହାର ରାଜ୍ୟର କୌଣସି ବି ବାଣିଜ୍ୟିକ ଗାଡ଼ିକୁ ଓଡ଼ିଶାରେ ଚଳାଚଳ ପାଇଁ ନୂତନ ପରମିଟ୍ ପ୍ରଦାନ କରାଯିବ ନାହିଁ । ଏଥିସହିତ ରାଜ୍ୟର ସମସ୍ତ ଆଂଚଳିକ ପରିବହନ ଅଧିକାରୀ RTOମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ଏହିପରି ପୁରୁଣା ଗାଡ଼ିଗୁଡ଼ିକର ଠିକଣା ପରିବର୍ତ୍ତନ, ମାଲିକାନା ହସ୍ତାନ୍ତର କିମ୍ବା କୌଣସି ପ୍ରକାରର ପରିବହନ କର ଗ୍ରହଣ କରାଯାଇପାରିବ ନାହିଁ । ନ୍ୟ ରାଜ୍ୟର ୧୦ ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା ବାଣିଜ୍ୟିକ ଯାତ୍ରୀବାହୀ ଗାଡ଼ି ଯଥା ବସ୍ ଇତ୍ୟାଦି (Commercial passenger) ଆମ ରାଜ୍ୟରେ ମାଲିକାନା ପରିବର୍ତ୍ତନ କରିବା ଉପରେ ରୋକ୍ ଲଗାଇବାକୁ ନିଷ୍ପତି ହୋଇଛି । ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରେ ରଖି ଅନ୍ୟ ରାଜ୍ୟର ଖରାପ ମାନର ଯାତ୍ରୀବାହୀ ବାଣିଜ୍ୟିକ ଗାଡ଼ି ଓଡ଼ିଶାକୁ ମାଲିକାନା ପରିବର୍ତ୍ତନ ରୋକିବା ପାଇଁ ଏହି ପଦକ୍ଷେପ ନିଆଯାଇଛି । କିନ୍ତୁ ଏହା ଦ୍ୱାରା ପୂର୍ବରୁ ଅନୁମତି ନେଇ ସାରିଥିବା ଗାଡ଼ିରେ କୌଣସି ଅସୁବିଧା ହେବ ନାହିଁ । ଅନୁମତି ଥାଇ କୌଣସି ଗାଡ଼ିର ଓଡ଼ିଶାରେ ଚଳାଚଳ ପାଇଁ କୌଣସି ସମସ୍ୟା ନାହିଁ । ଆମ ରାଜ୍ୟ ଗାଡ଼ି କିମ୍ବା Inter-state permit ଥିବା ଗାଡ଼ି ପାଇଁ ମଧ୍ୟ କୌଣସି ସମସ୍ୟା ନାହିଁ । ସମସ୍ତ RTO ଓ ARTO ମାନଙ୍କୁ ଏହି ସଂସ୍କାରମୂଳକ ନିଷ୍ପତିକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ପଦକ୍ଷେପ ଦ୍ୱାରା ରାଜ୍ୟରେ ସଡ଼କ ସୁରକ୍ଷା ମାନଦଣ୍ଡରେ ଉନ୍ନତି ଆସିବ, ସଡ଼କରେ ଅନୁପଯୁକ୍ତ ଗାଡ଼ି ହ୍ରାସ ପାଇବ ଏବଂ ପୁରୁଣା ଗାଡ଼ି ଜନିତ ପ୍ରଦୂଷଣ ମଧ୍ୟ ହ୍ରାସ ହେବ ବୋଲି ବିଭାଗ ଲକ୍ଷ୍ୟ ରଖିଛି ।



# ବାଲେଶ୍ୱରରେ ଉଦ୍ଘାଟିତ ହେଲା ବାଣିଜ୍ୟିକ ଅଦାଲତ



ବାଲେଶ୍ୱର(ନି.ପ୍ର.) ଆଜି ପୂର୍ବାହ୍ନ ୧୦.୦୦ ଘଟିକା ସମୟରେ ବାଲେଶ୍ୱରର ସିଭିଲ କୋର୍ଟ କମ୍ପ୍ଲେକ୍ସ ପରିସରରେ ଏକ ବାଣିଜ୍ୟିକ ଅଦାଲତ ଆଭାସି ଜରିଆରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମାନ୍ୟବର ମୁଖ୍ୟ ବିଚାରପତି ଶ୍ରୀଯୁକ୍ତ ହରିଶ ଟଣ୍ଡନଙ୍କ କରକମଳରେ ଉଦ୍ଘାଟିତ ହୋଇଛି । ସେଠାରେ ତାଙ୍କ ସହିତ ଉଚ୍ଚ ନ୍ୟାୟାଳୟର ମାନ୍ୟବର ବିଚାରପତି ଶ୍ରୀଯୁକ୍ତ ବିଭୁ ପ୍ରସାଦ ରାଉତରାୟ ଏବଂ ଅନେକ ଉଚ୍ଚ ନ୍ୟାୟାଳୟର ମାନ୍ୟବର ବିଚାରପତି ଗଣ ଉପସ୍ଥିତ ଥିଲେ । ଏହି ଅବସରରେ ବାଲେଶ୍ୱର ସିଭିଲ କୋର୍ଟ କମ୍ପ୍ଲେକ୍ସ ପରିସରରେ ନୂତନ ଭାବେ ନିର୍ମିତ ହୋଇଥିବା ବାଣିଜ୍ୟିକ ଅଦାଲତ ସମ୍ମୁଖରେ ଏକ ସଭାର ଆୟୋଜନ୍ ହୋଇ ଆଭାସି ମାଧ୍ୟମରେ ମୁଖ୍ୟ ବିଚାରପତିଙ୍କ ସହିତ ଯୋଡି ହୋଇଥିଲେ । ଏହି ଉଦ୍ଘାଟନୀ ଉତ୍ସବରେ ମାନ୍ୟବରଜିଲ୍ଲା ଦୌରା ଜଜ୍, ବାଲେଶ୍ୱର ଶ୍ରୀଯୁକ୍ତ ସତ୍ୟ ନାରାୟଣ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ, ବାଲେଶ୍ୱର ଶ୍ରୀଯୁକ୍ତ ସୁଧାକର ନାଏକଙ୍କ ସମେତ ଅନେକ ଜିଲ୍ଲା ସ୍ତରୀୟ ମାନ୍ୟବର ବିଚାରପତି ଏବଂ ଆଇନଜୀବୀ ଗଣ ଉପସ୍ଥିତ ଥିଲେ ।ଏହି ବାଣିଜ୍ୟିକ ଅଦାଲତ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଏବଂ କେଉଁଝର ଜିଲ୍ଲା ପାଇଁ ପ୍ରଭାବଶାଳୀ ବାଣିଜ୍ୟିକ ନ୍ୟାୟ ପ୍ରଦାନ କରିବ । ଏହି ଚାରିଟି କ୍ଲଷ୍ଟର ଜିଲ୍ଲାରୁ ବାଣିଜ୍ୟିକ ବିବାଦ ଭାବରେ ବିଭିନ୍ନ ବର୍ଗର ୧୮୩୧ ମାମଲା ଚିହ୍ନଟ କରାଯାଇ ନୂତନ ଭାବରେ ଉଦ୍ଘାଟିତ ବାଣିଜ୍ୟିକ ଅଦାଲତକୁ ସ୍ଥାନାନ୍ତର କରାଯାଇଛି, ଯେଉଁଥିରେ ବାଲେଶ୍ୱର ଜଜସିପ୍ ରୁ ୬୭୫ ମାମଲା ସ୍ଥାନାନ୍ତରିତ ହୋଇଛି, ମୟୂରଭଞ୍ଜ ଜଜସିପ୍ ରୁ ୧୭୫ ମାମଲା ସ୍ଥାନାନ୍ତରିତ ହୋଇଛି, ଭଦ୍ରକ ଜଜସିପ୍ ରୁ ୩୭୪ ମାମଲା ସ୍ଥାନାନ୍ତରିତ ହୋଇଛି ଏବଂ କେନ୍ଦୁଝର ଜଜସିପ୍ ରୁ ୬୦୭ ମାମଲା ସ୍ଥାନାନ୍ତରିତ ହୋଇଛି । ବାଲେଶ୍ୱରରେ ଏହି ବାଣିଜ୍ୟିକ ଅଦାଲତ ପ୍ରତିଷ୍ଠା ଦ୍ୱାରା ବୈଧାନିକ ନିର୍ଦ୍ଦେଶର ପାଳନ ସୁନିଶ୍ଚିତ ହେବ, ନିୟମିତ ଅଦାଲତରେ ବିଚାରାଧୀନ ମାମଲା ହ୍ରାସ ପାଇବ ଏବଂ ବାଣିଜ୍ୟିକ ବିବାଦର ସମୟସୀମା ମଧ୍ୟରେ ସମାଧାନ ପାଇଁ ଏକ ସ୍ୱତନ୍ତ୍ର ମଂଚ ପ୍ରଦାନ କରାଯିବ । ଏହା ମକଦ୍ଦମାକାରୀଙ୍କ ପାଇଁ ନ୍ୟାୟ ପାଇବାକୁ ବୃଦ୍ଧି କରିବ, ନ୍ୟାୟିକ ଦକ୍ଷତା ଉନ୍ନତ କରିବ ଏବଂ ଏହି ଅଂଚଳରେ ନିବେଶ ପରିବେଶକୁ ସୁଦୃଢ଼ କରିବ । ବାଣିଜ୍ୟିକ ଅଦାଲତ ଆଇନ, ୨୦୧୫ ର ଉଦ୍ଦେଶ୍ୟକୁ ଆଗକୁ ବଢାଇବା ପାଇଁ ବାଲେଶ୍ୱରରେ ନୂତନ ଭାବେ ଉଦ୍ଘାଟିତ ହୋଇଥିବା ଏହି ବାଣିଜ୍ୟିକ ଅଦାଲତ ର ପ୍ରତିଷ୍ଠା ଏକ ଆବଶ୍ୟକୀୟ ଏବଂ ନୀତି-ଚାଳିତ ପଦକ୍ଷେପ, ଯାହା ବ୍ୟବସାୟ କରିବାର ସହଜତାକୁ ପ୍ରୋତ୍ସାହିତ କରିବା ପାଇଁ ବାଣିଜ୍ୟିକ ବିବାଦର ଦ୍ରୁତ ଏବଂ ବିଶେଷଜ୍ଞ ବିଚାରକୁ କଳ୍ପନା କରେ । ଏହି ଉଦ୍ଘାଟନୀ ଉତ୍ସବକୁ ଅଦାଲତ ର ରେଜିଷ୍ଟ୍ରାର ଶ୍ରୀଯୁକ୍ତ ସିତିକାନ୍ତ ପ୍ରଧାନ ପରିଚାଳନା କରିଥିବା ବେଳେ ଅଦାଲତର ମୁଖ୍ୟ ପ୍ରଶାସନିକ ଅଧିକାରୀ ଶ୍ରୀଯୁକ୍ତ ମଳୟ କୁମାର ରାଉତ ଓ କୋର୍ଟ ମ୍ୟାନେଜର ସୁଶ୍ରୀ ପ୍ରିୟଙ୍କା ମିଶ୍ର ଏଥିରେ ସହଯୋଗ କରିଥିଲେ ।

# ବିଜେପିର ୪୭ ତମ ପ୍ରତିଷ୍ଠା ଦିବସ ପାଳନ

ବାଲେଶ୍ୱର(ନି.ପ୍ର.)ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଆଜି ଖାନନଗର ସ୍ଥିତ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଦଳର ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦଘାଟିତ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ବେହେରାଙ୍କ ଦ୍ୱାରା ଦଳୀୟ ପତାକା ଉତୋଳନ ଏବଂ ସାମୁହିକ ବନ୍ଦେ ମାତରମ୍ ଗାନ ପରେ ସମବେତ କର୍ମୀବୃନ୍ଦଙ୍କୁ ସମ୍ବୋଧିତ କରିବା ପରେ କାର୍ଯ୍ୟାଳୟ ଓ ଆଖପାଖ ଅଂଚଳରେ ବୃକ୍ଷରୋପଣ କରାଯାଇଥିଲା । ସମ୍ମିଳନୀ କକ୍ଷରେ ଆୟୋଜିତ ସାଧାରଣ ସଭାରେ ଦଳର ୬୦ ବର୍ଷରୁ ଉର୍ଦ୍ଧ୍ୱ କର୍ମୀଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାପତି ଓ ସାଂସଦ ତାଙ୍କ ଉଦବୋଧନରେ କର୍ମୀମାନଙ୍କୁ ଦଳର ଇତିହାସ, ରାଷ୍ଟ୍ରୀୟ ଚେତନା, ବଳିଦାନ, ଦୀର୍ଘ ବର୍ଷର ସଂଘର୍ଷ ବିଷୟରେ ଆଲୋକପାତ କରିଥିଲେ । ଲକ୍ଷ ଲକ୍ଷ କର୍ମୀଙ୍କ ତ୍ୟାଗ ତପସ୍ୟା ଓ ବଳିଦାନର ଫଳସ୍ୱରୂପ ଭାରତୀୟ ଜନତା ପାର୍ଟି ଆଜି ବିଶ୍ୱର ସର୍ବବୃହତ ରାଜନୈତିକ ଦଳର ମାନ୍ୟତା ପାଇଛି, ଏହା କେବଳ ଏକ ଉପଲବ୍ଧି ନୁହେଁ ବରଂ ଏହା ହେଉଛି ଦାଇତ୍ୱ, ନାଗରିକଙ୍କ ସାମଗ୍ରିକ ବିକାଶ ପାଇଁ ଓ ଦେଶକୁ ପରମବୈଭବଶାଳୀ କରିବା ପାଇଁ ଗୁରୁ ଦାୟିତ୍ୱ । ୨୦୪୭ ସୁଦ୍ଧା




ଦେଶକୁ ବିକଶିତ ଭାରତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଆହ୍ୱାନକୁ ସାକାର କରିବା ପାଇଁ ସମସ୍ତଙ୍କୁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ନନ୍ଦ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ସମ୍ପାଦକ ଚିତରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ୨୩ତମ ବାର୍ଷିକ କ୍ରୀଡା ଉତ୍ସବ ୨୦୨୫-୨୬ ଉଦ୍ଘାଟିତ

ବାଲେଶ୍ୱର(ନି.ପ୍ର.)' ଆନ୍ତର୍ଜାତୀୟ ଦିବସ- କ୍ରୀଡା ଦ୍ୱାରା ଉନ୍ନତି ଓ ଶାନ୍ତି ' ( ଇନ୍ଟରନ୍ୟାଶନାଲ ଡେ ଅଫ ସ୍ପୋର୍ଟସ ଫର ଡେଭେଲପମେଂଟ ଆଣ୍ଡ ପିସ୍ ) ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୩ତମ ବାର୍ଷିକ କ୍ରୀଡା ମହୋତ୍ସବ ୨୦୨୫-୨୬ ଉଦଘାଟିତ ହୋଇଯାଇଛି । ବିଭିନ୍ନ ବିଭାଗର ୨୫୦ରୁ ଅଧିକ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରୁଥିବା ଏହି କ୍ରୀଡ଼ା କାର୍ଯ୍ୟକ୍ରମ ୬ ଠାରୁ ୯ ଏପ୍ରିଲ ପର୍ଯ୍ୟନ୍ତ ଚାଲିବ । ଉଦ୍ ?ଘାଟନୀ ଅଧିବେଶନ ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କ୍ରୀଡ଼ାର ମସାଲ ପ୍ରଜ୍ୱଳନ ଓ କ୍ରୀଡ଼ାର ପତାକା ଉତୋଳନ କରି ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । କ୍ରୀଡ଼ା ଦ୍ୱାରା ଜୀବନରେ ଶୃଙ୍ଖଳା, ସହଯୋଗ ଓ ବ୍ୟକ୍ତିତ୍ୱ ବିକାଶରେ ଭୂମିକା




ଉଲ୍ଲେଖ କରିଥିଲେ । ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଓ କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ କ୍ରୀଡ଼ା ସଂସ୍କୃତିର ଗୁରୁତ୍ୱ ଉପସ୍ଥାପନ କରିଥିଲେ ।

ଡ଼କ୍ଟର ସଚିଦାନନ୍ଦ ସା ସ୍ୱାଗତ ଭାଷଣ ସହ ପ୍ରଗତି ବିବରଣୀ ପତ୍ର ପାଠ କରିଥିଲେ, ଯେଉଁଥିରେ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦର ୨୦୨୪-୨୫ର ବିଭିନ୍ନ ସଫଳତାମାନ ଉଲ୍ଲେଖ ରହିଥିଲା । ପିଇଓ, ଶ୍ରୀ ସଂଗ୍ରାମ କେଶରୀ ବିଶୋଇଙ୍କ ଦ୍ୱାରା ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମକୁ ଶ୍ରୀ ଅରୁଣ କୁମାର ନାୟକ ସଂଯୋଜନା କରିଥିବାବେଳେ ଡ଼କ୍ଟର ଅଭୟ ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ । ଉଦ୍ଘାଟନୀ ଦିନରେ ପୁରୁଷ ଓ ମହିଳା ବିଭାଗରେ ୩୪ଟି ଆଥଲେଟିକ୍ସ ସହ କ୍ରିକେଟ, ଭଲିବଲ, କବାଡ଼ି, ଚେସ୍, ବ୍ୟାଡମିଂଟନ, ଟେବୁଲ ଟେନିସ, କ୍ୟାରମ, ଦୌଡ଼, ହାଇଜମ୍ପ, ଲଙ୍ଗଜମ୍ପ, ଶଟପୁଟ, ଡିସ୍କସ ଓ ଜାଭେଲିନ ଥ୍ରୋ ଇତ୍ୟାଦି ପ୍ରତିଯୋଗିତା ଆୟୋଜିତ ହୋଇଛି । ଚାରିଦିନିଆ ଏହି କ୍ରୀଡା ମହୋତ୍ସବର ଲକ୍ଷ୍ୟ ଛାତ୍ରଛାତ୍ରୀଙ୍କ ଶାରୀରିକ ସୁସ୍ଥତା, କ୍ରୀଡା ସ୍ପୃହା ଓ ସମଗ୍ର ବିକାଶକୁ ପ୍ରୋତ୍ସାହନ ଦେବା ବୋଲି ଆୟୋଜକଙ୍କ ପକ୍ଷରୁ ମତପ୍ରକାଶ ପାଇଛି ।

# ଅବୈଧ ଇଟା ଭାଟି ଉପରେ ପ୍ରଶାସନର କଡ଼ା କାର୍ଯ୍ୟାନୁଷ୍ଠାନ

ବାଲେଶ୍ୱର(ନି.ପ୍ର.) ପ୍ରଶାସନ ଦ୍ୱାରା ଧାରା ୧୬୩ ଇଘଝଝ ଉଲ୍ଲଂଘନ କରିଥିବା ଦୁଇଟି ଚିମ୍ନି ଇଟା ଭାଟି—ବେଗୁନିଆ ଛକ, ହରିପୁର (ରେମୁଣା ତହସିଲ) ର ଏକ୍ଟକ୍ଷୟ ଈକ୍ସସମଳଷ୍ଟ ଏବଂ ନଗ୍ରମ୍ ଜଓ ସର୍କଲ, ମୌଜା କାଳୀପୁର (ସଦର ତହସିଲ) ର ଝଷ୍ଟରରକ୍ଷ ଈକ୍ସସମଳଷ୍ଟ—କୁ ଭଙ୍ଗାଯାଇଛି ।ନିଷେଧ ସତ୍ତ୍ୱେ ଇଟା ପୋଡ଼ା କାର୍ଯ୍ୟ ଚାଲୁ ରଖି ଭାରୀ ପରିବେଶ ପ୍ରଦୂଷଣ ସୃଷ୍ଟି କରିଥିବାରୁ, ଉପଜିଲ୍ଲାପାଳ, ବାଲେଶ୍ୱରଙ୍କ ଆଦେଶକ୍ରମେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।ସେ ନେତୃତ୍ୱ ନେଇଥିଲା ବେଳେ ରେମୁଣା ଓ ସଦର ତହସିଲଦାର ଓ ତାଙ୍କ ସହିତ ପୋଲିସ ଓ ଫାୟାର ଟିମ୍ ଉପସ୍ଥିତ ଥିଲେ । ଏହା ସହିତ ପ୍ରାୟ ୧,୦୦,୦୦୦ ପକା ଓ କଚ୍ଚା ଇଟ୍ ?କୁ ଧ୍ୱଂସ କରାଯାଇଛି ଏବଂ ଗୋଟିଏ ଚିମ୍ନିକୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯାଇଛି । ଏପରି ଉଲ୍ଲଂଘନ ଉପରେ ଆଗାମୀ ଦିନରେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ପ୍ରଶାସନ ସଚେତନ କରିଛି ।



# ମୁଁ କୁଲଡିହା କହୁଛି'ର ପ୍ରଥମ ଅଧିବେଶନ ଅନୁଷ୍ଠିତ

ବାଲେଶ୍ୱର, (ନି.ପ୍ର.): ବାଲେଶ୍ୱର ଜିଲ୍ଲାର କୁଲଡିହାର ପ୍ରାକୃତିକ ସମ୍ପଦ ଓ ପରିବେଶ ସୁରକ୍ଷା ପାଇଁ ଗଠିତ ସାଂସ୍କୃତିକ ସଚେତନଧର୍ମୀ ମଂଚ 'ମୁଁ କୁଲଡିହା କହୁଛି'ର ପ୍ରଥମ ଅଧିବେଶନ ସ୍ଥାନୀୟ ସିଆଡ଼ିମାଳର କୁମ୍ଭକ୍ଷେତ୍ର ପରିସରରେ ଆୟୋଜିତ ହୋଇଯାଇଛି । ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଓ ପରିବେଶପ୍ରେମୀ ବାମନ ଚନ୍ଦ୍ର ମହାନ୍ତିଙ୍କ ଅଧକ୍ଷତା କରିଥିଲେ ।ଏହି ଅଧିବେଶନରେ ବିନୋଦ ବିହାରୀ ପଣ୍ଡା, ସୁବାସିନୀ ଜୀ, ସୁଶାନ୍ତ ମହାପାତ୍ର, ଚିତରଞ୍ଜନ ପତି, ଶିବସୁନ୍ଦର ସାହୁ, ମାଳତୀ ଧଳ, ଯୁବ ଚିତ୍ରଶିଳ୍ପୀ ଦିବ୍ୟ ପ୍ରକାଶ ପରିଡ଼ା, ରଞ୍ଜନ କୁମାର ସେଠୀ, କ୍ରିଷ୍ଣା ନାଥ, ତପନ କୁମାର ମିଶ୍ର, ରୂପମ କର, ଦେବାଶିଷ ଭଞ୍ଜ, ନୀଳାଦ୍ରି ବେହେରା ଓ ଚନ୍ଦନ ସାହୁ ପ୍ରମୁଖ କବି, ଲେଖକ, ଶିଳ୍ପୀ, ସମାଜସେବୀ ଓ ପରିବେଶପ୍ରେମୀମାନେ ଯୋଗ



ଦେଇ କୁଲଡିହାର ସୁରକ୍ଷା ଓ ପ୍ରଚାର ପାଇଁ ଏକ ଯୋଜନାତ୍ମକ ରୂପରେଖ ପ୍ରସ୍ତୁତ କରିଥିଲେ ।କୁଲଡିହାର ପ୍ରାକୃତିକ ଗୌରବକୁ ଉଜାଗର କରିବା ସହ ତାହାର ସୁରକ୍ଷା ପାଇଁ ସଚେତନତା ଗଢ଼ି ତୋଳିବା ନିମନ୍ତେ କୁଲଡିହା ଚାରିପାଖରେ ଥିବା ଗ୍ରାମବାସୀ ଓ ଅନୁଷ୍ଠାନପ୍ରେମୀମାନଙ୍କୁ ସଂଗଠିତ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା ।ଏଥିପାଇଁ ସର୍ବସମ୍ମତିକ୍ରମେ ଶିଳ୍ପୀ କେଶୁ ଦାସଙ୍କୁ ଆବାହକ, ବାମନ ଚନ୍ଦ୍ର ମହାନ୍ତିଙ୍କୁ ସଭାପତି, ଚିତରଞ୍ଜନ ପତିଙ୍କୁ ସମ୍ପାଦକ ଓ ଦିବ୍ୟ ପ୍ରକାଶ ପରିଡ଼ାଙ୍କୁ କୋଷାଧକ୍ଷ ଭାବେ ମନୋନୀତ କରାଯାଇଛି ।ଏହାସହ ପ୍ରତି ପଂଚମ ପାଳି ରବିବାର କୁଲଡିହାର ବିଭିନ୍ନ ସ୍ଥାନରେ ସାହିତ୍ୟ-ସାଂସ୍କୃତିକ ଭିତିରେ ସଚେତନତାଧର୍ମୀ କର୍ମଶାଳା ଆୟୋଜନ କରାଯିବାକୁ ସ୍ଥିର ହୋଇଥିବା ବେଳେ ଆଗାମୀ କର୍ମଶାଳା ମଇ ୩୧ ତାରିଖରେ ଔପଦା ବଜାରରେ ଆୟୋଜନ କରାଯିବ ବୋଲି ଘୋଷଣା କରାଯାଇଛି ।ଅଧିବେଶନରେ କବି ପ୍ରଭାକର ସାହୁ, ସୁବାସିନୀ ଜୀ, ମାଳତୀ ଧଳ ଓ ଶିବସୁନ୍ଦର ସାହୁ କୁଲଡିହା ଆଧାରିତ କବିତା ପାଠ କରିଥିଲେ । ଶିଳ୍ପୀ କେଶୁ ଦାସ ଓ ଦିବ୍ୟ ପ୍ରକାଶ ପରିଡ଼ାଙ୍କ ଲାଇଭ୍ ସ୍କେଚ୍ ପ୍ରଦର୍ଶନ ମଧ୍ୟ ଉପସ୍ଥିତ ସମସ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା । କବି ସୁଧାକର ସେଠୀଙ୍କ ରଚିତ 'ତୁ କୁଲଡିହା ରାଣୀ' ଗୀତ ମଧ୍ୟ ସମସ୍ତଙ୍କୁ ମନମୁଗ୍ଧ କରିଥିଲା ।ସଭାପତି ବାମନ ଚନ୍ଦ୍ର ମହାନ୍ତି ଆଗାମୀ ଅଧିବେଶନକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ ଆଶା କରିଥିବା ବେଳେ ଶେଷରେ ଶିଳ୍ପୀ କେଶୁ ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ସରକାରୀ ବିଦ୍ୟାଳୟ ହତାରୁ ଭାଗବତ ଟୁଙ୍ଗି ଉଚ୍ଛେଦ ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କଲେ ସରପଂଚ

ବାଲେଶ୍ୱର(ନି.ପ୍ର.)ବାଲେଶ୍ୱର ସଦର ବ୍ଲକ ଅଧିନ ସାରଗାଁ ଗ୍ରାମପଂଚାୟତ ରେ ଅବସ୍ଥିତ ଇସାଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ରେ ଥିବା ଭାଗବତ ଟୁଙ୍ଗି ଉଚ୍ଛେଦ ଦାବି ଜୋର ଧରିଛି । ସୋମବାର ସ୍ଥାନୀୟ ସରପଂଚ , ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଏବଂ ଗ୍ରାମବାସୀ ଜିଲ୍ଲାପାଳ ଙ୍କ ନିକଟରେ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ଉକ୍ତ ବିଦ୍ୟାଳୟ ରେ ପ୍ରଥମ ରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ପାଠପଢୁ ଥିବା ବେଳେ ଏକ ଅଙ୍ଗନବାଡ଼ି କେନ୍ଦ୍ର ମଧ ରହିଛି । ଫଳରେ ବିଦ୍ୟାଳୟରେ



ଶୈକ୍ଷିକ ବାତାବରଣ ନଷ୍ଟ ହେବା ସହ ପିଲାମାନଙ୍କ ପାଠପଢା ରେ ବାଧା ସୃଷ୍ଟି ହେଉଛି । ଗତ ମାସ ରେ ଜିଲ୍ଲାପାଳ ଙ୍କ ଅଭିଯୋଗ ପ୍ରକୋଷ୍ଠ ଶୁଣାଣି ରେ ଏହି ଅଭିଯୋଗ କରି ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ସେମାନେ କହିଥିଲେ । ଯଥା ଶୀଘ୍ର ବିଦ୍ୟାଳୟ ପରିସର ରୁ ଉକ୍ତ ଭାଗବତ ଟୁଙ୍ଗି ଉଚ୍ଛେଦ ପାଇଁ ସରପଂଚ ଦାବି କରିଛନ୍ତି । ମନ୍ମଥ ମାଝୀ, ଭଗବାନ ଦାସ, ସୁଶାନ୍ତ ଶତପଥୀ, କାଶୀନାଥ ମାଝୀ, ତୁଫାନ ମାଝୀ, ପ୍ରଭାକର ବେହେରା ଙ୍କ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ରହିଥିଲେ ।

# ଦୁର୍ବ୍ୟବହାରର ଶୀକାର ହେଲେ ସରପଂଚ

ବାଲେଶ୍ୱର(ନି.ପ୍ର.)ହଳଦୀପଦା ସୋସାଇଟିର ସମ୍ପାଦିକା ନମିତା ବାରିକ ସେହି ଅଂଚଳର ସରପଂଚ ବରେନ୍ଦ୍ର ସେଠୀଙ୍କୁ ଦୁର୍ବ୍ୟବହାର ଓ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି ବାଲେଶ୍ୱର ଜିଲ୍ଲାପାଳଙ୍କ ଠାରେ । ସେ ଆଜି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି କି, ସୋସାଇଟିପକ୍ଷରୁ ଚାଷୀମାନଙ୍କ ଠାରୁ



ଧାନକ୍ରୟ ବେଳେ ସୁପ୍ତିକଟାକୁ କେନ୍ଦ୍ରକରି ସେ ଘଟଣାସ୍ଥଳରେ ପହଂଚି କ'ଣ ପାଇଁ ଚାଷୀମାନଙ୍କ ଠାରୁ ସରକାରଙ୍କ ଗାଇଡଲାଇନକୁ ଉଲ୍ଲଂଘନ କରାଯାଇ ଅଧିକ ସୁପ୍ତି କଟାଯାଉଛି । ଫଳରେ ସୋସାଇଟିର ସମ୍ପାଦକ ନମିତା ବାରିକ ତାଙ୍କୁ ଦୁର୍ବ୍ୟବହାର କରିବା ସହ ତୁମେ କିଏ ଜାଣିବା ପାଇଁ ଚାହୁଁଛ ବୋଲି କହିବାରୁ ଉତେଜନା ସୃଷ୍ଟି ହୋଇଥିଲା । ଏ ଘଟଣାସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ହଳଦୀପଦା ସରପଂଚ ବରେନ୍ଦ୍ର ସେଠୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାଲେଶ୍ୱର(ନି.ପ୍ର.) ରେମୁଣା ବ୍ଲକ ଅନ୍ତର୍ଗତ ନିଜାମପୁର ଗ୍ରାମର ଦିଲ୍ଲୀପ ଜେନାଙ୍କ ସହଧର୍ମିଣୀ ସୁନିତା ଜେନା ଯିଏକି ୫ମାସ ହେଲା ତାଙ୍କର ୨ଟିଯାକ କିଡନୀ ଶତକଡ଼ା ୯୦ ଭାଗ ଖରାପ ହୋଇଯାଇଛି । ଏଥିନେଇ ସେ ବାରମ୍ବାର ଡାକ୍ତରଙ୍କୁ ଦେଖାଇବା, ପ୍ରତି ସପ୍ତାହରେ ୨ଥର ଡାଏଲସିସ୍ କରିବା, କିଡନୀ ଟ୍ରାନ୍ସପ୍ଲାଟ କରାଯିବା ପାଇଁ ଡାକ୍ତରଙ୍କ ସୂଚନା ଇତ୍ୟାଦିକୁ ନେଇ ଦିଲ୍ଲୀପ ଜେନା ଓ ତାଙ୍କ ପରିବାର ମ୍ରିୟମାଣ ହୋଇପଡ଼ିଛନ୍ତି । କାରଣ ଚିକିତ୍ସା ପାଇଁ ପାଖାପାଖି ୪୦/୫୦ଲକ୍ଷ ଟଙ୍କା ଆବଶ୍ୟକତା ପଡୁଥିବା ହେତୁ ଜଣେ ଦରିଦ୍ର ବ୍ୟକ୍ତି ହିସାବରେ ତାଙ୍କର ଜମିବାଡ଼ି ଚାକିରି ସମ୍ବଳ ନାହିଁ । ଗୋଟିଏ ଝିଅକୁ ୫ବର୍ଷ ଓ ପୁଅକୁ ଦେଢ଼ବର୍ଷ । ଅସହାୟ ଜରାଜୀର୍ଣ୍ଣ ଅବସ୍ଥାରେ ସ୍ତ୍ରୀକୁ ଚିକିତ୍ସା କରିବା ପାଇଁ



ଅର୍ଥର ଆବଶ୍ୟକତା ପଡୁଥିବା ଯୋଗୁଁ ସେ ଇତିମଧ୍ୟରେ ସ୍ଥାନୀୟ ଅଂଚଳର ସ୍ୱେଚ୍ଛାସେବୀ ମହିଳା ସଂଗଠନଙ୍କ ଦ୍ୱାରା ୧୦ହଜାର ଟଙ୍କା ଆର୍ଥିକ ସହାୟତା ପାଇଥିଲେ । ଯାହା ଫଳରେ ଅଧିକ ଅର୍ଥ ଆବଶ୍ୟକତା ପଡୁଥିବା ଯୋଗୁଁ ସେ ବାଲେଶ୍ୱରର ସାଂସଦ, ରେମୁଣା ବିଧାୟକ, ରେମୁଣା ତହସିଲଦାର, ପୂର୍ବତନ ସାଂସଦ, ନିଜାମପୁର ସରପଂଚ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବାଲେଶ୍ୱର ଜିଲ୍ଲାପାଳଙ୍କ ଜରିଆରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ଆର୍ଥିକ ସହାୟତା ଯୋଗାଇବା ପାଇଁ ରୋଗୀଣା ସ୍ତ୍ରୀ ସୁନୀତା ଜେନା ଏବଂ ସ୍ୱାମୀ ଦିଲ୍ଲୀପ ଜେନା ଦାବି କରିଛନ୍ତି ।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.) ଆଜି ସକାଳ ଘ: ୭.୦୦ ଟିକା ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୧୨୭ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ସେଥି ମଧ୍ୟରୁ ୧୧୧ ଗୋଟି ବ୍ୟକ୍ତିଗତ ଏବଂ ୧୦ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୬ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି



ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୨୧ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବାଲେଶ୍ୱର ସଂଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର, ଶ୍ରୀଯୁକ୍ତ ଶିବ ମାଲବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ଅମୂଲ୍ୟ କୁମାର ଦାସଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।



ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷ ଉପଲକ୍ଷେ ସ୍ୱଚ୍ଛ ଓଡ଼ିଶା ୬ଷ୍ଠ ଦିବସ ଅବସରରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକ ଏବଂ ପୌରାଂଚଳରେ ଥିବା ଦେବାଳୟ ଓ ଐତିହ୍ୟ ସ୍ଥଳୀ ଗୁଡିକରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଅଛି । (ଫଟୋ-ଦେବବ୍ରତ)

# ମାରାଗୁଡ଼ା ଲୋକମହୋତ୍ସବ-୨୦୨୬ ସମାପନ: ସାଂସ୍କୃତିକ ଝଲକରେ ମନମୁଗ୍ଧ ହେଲେ



ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲାର ଐତିହ୍ୟବାହି "ମାରାଗୁଡା ଲୋକମହୋତ୍ସବ-୨୦୨୬"ର ପଂଚମ ଓ ଶେଷ ସନ୍ଧ୍ୟା ଉତ୍ସାହ ଓ ଆଡମ୍ବରମୟ ପରିବେଶରେ ସଫଳତାର ସହ ସମାପ୍ତ ହୋଇଯାଇଛି । ସାଂସ୍କୃତିକ ସଭା ଓ ସମ୍ମାନ ସମାରୋହ ଉତ୍ସବକୁ ବିଶେଷ ମାନ୍ୟତା ଦେଇଥିଲା । କାର୍ଯ୍ୟକ୍ରମର ଆରମ୍ଭରେ ବରେଣ୍ୟ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ଓ ପୂଜାର୍ଚ୍ଚନା କରାଯାଇଥିଲା । ପରେ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଜଣାଇ "ବନ୍ଦେ ଉତ୍କଳ ଜନନୀ" ସଙ୍ଗୀତରେ ସଭାର ଶୁଭାରମ୍ଭ ହୋଇଥିଲା । ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥି ଭାବେ ଅଧିରାଜ ମୋହନ ପାଣିଗ୍ରାହୀ, ମାନ୍ୟବର ବିଧାୟକ, ଖଡିଆଳ ଯୋଗଦେଇ ଆଂଚଳିକ ସଂସ୍କୃତିର ସୁରକ୍ଷା ଓ ପ୍ରଚାରରେ ଏପରି ମହୋତ୍ସବର ଭୂମିକାକୁ ଉଲ୍ଲେଖ କରିଥିଲେ । ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ସୁଜନେଶ୍ୱର ମଲ୍ଲିକ (ବିଶିଷ୍ଟ ଶିକ୍ଷାବିତ୍), ପୁଷ୍ପାଞ୍ଜଳି ଗୁଆଳ (ସଭ୍ୟା, ଜିଲ୍ଲା ପରିଷଦ, ନୂଆପଡ଼ା), ଡ଼. ସୋନିଆ ଜୈନ (ଅଧକ୍ଷା, ବିଜ୍ଞାପିତ ଅଂଚଳ ପରିଷଦ, ଖଡିଆଳ) ଓ ଏମ.ଡି. ଏଫ. ଅଜିଜ ଖାନ (ବନଖଣ୍ଡ ଅଧିକାରୀ, ପ୍ରାନ୍ତୀୟ, ଖଡିଆଳ) ଉପସ୍ଥିତ ରହି ଅଭିଭାଷଣ ରଖିଥିଲେ । ସଭାପତି ଭାବେ ମଧୁସୂଦନ ଦାଶ, ଜିଲ୍ଲାପାଳ, ନୂଆପଡ଼ା ସ୍ୱାଗତ ଅଭିଭାଷଣ ରଖି ମହୋତ୍ସବର ସଫଳ ଆୟୋଜନ ପାଇଁ ସମସ୍ତଙ୍କ ସହଯୋଗକୁ କୃତଜ୍ଞତା ଜଣାଇଥିଲେ । ମୁଖ୍ୟ ବକ୍ତା ଭାବେ ପଦ୍ମଶ୍ରୀ ମହେନ୍ଦ୍ର କୁମାର ମିଶ୍ର ଲୋକସାହିତ୍ୟ ଓ ସଂସ୍କୃତିର ଗୁରୁତ୍ୱ ଉପରେ ମତାମତ ରଖିଥିଲେ । ଏହି ଅବସରରେ ଜିଲ୍ଲାର ବିଭିନ୍ନ ବ୍ଲକ ଓ ଏନ.ଏ.ସି.ରୁ ଆସିଥିବା ବିଭିନ୍ନ କ୍ଷେତ୍ରର କୃତୀ ବ୍ୟକ୍ତିବିଶେଷଙ୍କୁ ମଂଚରେ ସମ୍ମାନିତ କରାଯାଇଥିଲା । ସେମାନଙ୍କ ମଧ୍ୟରେ ସିନାପାଲିର ସୁଜନେଶ୍ୱର ମଲ୍ଲିକ (ବିଶିଷ୍ଟ ଶିକ୍ଷାବିତ୍), ପଦ୍ମଶ୍ରୀ ମହେନ୍ଦ୍ର କୁମାର ମିଶ୍ର (ବରିଷ୍ଠ ଶିକ୍ଷାବିତ୍ ଓ ସାହିତ୍ୟିକ), ନୂଆପଡ଼ାର ଭୂପେନ୍ଦ୍ର ରାଉତ (ଜାତୀୟ ସ୍ତରୀୟ କବାଡି ଖେଳାଳି), ମୁକେଶ ଚନ୍ଦ୍ରକାର (ବିଶିଷ୍ଟ କୃଷକ), ବଳରାମ ସୋନି (ବିଶିଷ୍ଟ ଗାୟକ), ହରି ସିଂ ମାଝୀ (ସମାଜସେବୀ), ଲୋକନାଥ ଖରସେଲ (ବିଶିଷ୍ଟ କୃଷକ), ଖଡିଆଳ ଏନ.ଏ.ସି.ର ଜଗବନ୍ଧୁ ବାରିକ (କଳାପ୍ରେମୀ), ବଳଭଦ୍ର ମାହୁତି (ଶିକ୍ଷାବିତ୍) ଓ ଛବି ସାଗର (କ୍ରୀଡାବିତ୍) ଅନ୍ତର୍ଭୁକ୍ତ ଥିଲେ । ବରେଣ୍ୟ ଅତିଥିମାନଙ୍କୁ ମଧ୍ୟ ସ୍ମୃତି ଉପହାର ପ୍ରଦାନ କରାଯାଇଥିଲା । ଶେଷରେ ଅନୁସୂୟା କୁମ୍ଭାର, ଅଧକ୍ଷା, ପଂଚାୟତ ସମିତି, କୋମନା ଧନ୍ୟବାଦ ଅର୍ପଣ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ନଟରାଜ ଡାନ୍ସ ଏକାଡେମୀ, ସ୍ୱର ଶୃଙ୍ଗାର ସାଂସ୍କୃତିକ ଅନୁଷ୍ଠାନ, ଜେନ ଜୀ ପବ୍ଲିକ୍ ସ୍କୁଲ, ବାପୁଜୀ ସାଂସ୍କୃତିକ ଦଳ ଓ ପଂଚମୀ ଡାନ୍ସ ଏକାଡେମୀ ପକ୍ଷରୁ ଆକର୍ଷଣୀୟ ପ୍ରଦର୍ଶନ ହୋଇଥିଲା । ବିଶେଷ ଆକର୍ଷଣ ଭାବେ ଉମାକାନ୍ତ ବାରିକ ଓ ସାଥୀମାନଙ୍କ ସଙ୍ଗୀତାନୁଷ୍ଠାନ ଦର୍ଶକମାନଙ୍କୁ ମନୋମୁଗ୍ଧ କରିଥିଲା । ବିପୁଳ ସଂଖ୍ୟକ ଦର୍ଶକଙ୍କ ସମାଗମରେ ସମଗ୍ର ପରିବେଶ ଉତ୍ସବମୟ ହୋଇଯାଇଥିଲା ଓ ଏହା ସହିତ ମାରାଗୁଡା ଲୋକମହୋତ୍ସବ-୨୦୨୬ ସଫଳ ଭାବରେ ସମାପନ ହୋଇଛି ।

# ଓଡ଼ିଶା ଦିବସ ପକ୍ଷ ପାଳନ ଅବସରରେ ସ୍ୱଚ୍ଛତା ଅଭିଯାନ




ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦ ପକ୍ଷ ରୁ ଆଜି ଓଡ଼ିଶା ଦିବସ ପକ୍ଷ ପାଳନ ଅବସରରେ ଷଷ୍ଠ ଦିନରେ ସ୍ୱଚ୍ଛତା ଅଭିଯାନ, ଦେବାଳୟ ଏବଂ ମନ୍ଦିର ପରିସର କୁ ସ୍ୱଚ୍ଛତା କରିବା ସହ ଏକ ପ୍ଲାଷ୍ଟିକ ମୁକ୍ତ କରିଥିଲେ । ଖଡିଆଳ ନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣାଙ୍କ ସମେତ ସମସ୍ତ କର୍ମଚାରୀ ମାନେ ଯୋଗ ଦେଇ ରକ୍ତାମ୍ବରୀ, ସମଲେଶ୍ୱରୀ, ଦଧିବାମନ, ଜଗନ୍ନାଥ ଏବଂ ମଝିଆ ଗୁଡ଼ି ଆଦି ମନ୍ଦିର କୁ ସଫେଇ କରିଥିଲେ । ବିଶେଷ କରି ଏକକ ବ୍ୟବହାର ପ୍ଲାଷ୍ଟିକ ମୁକ୍ତ କରିବାର ପ୍ରୟାସ ଖଡିଆଳ ବିଜ୍ଞାପିତ ପରିଷଦ ଓ ପ୍ରଶାସନ କୁ ଧାନବାଦ ର ପତ୍ର ଅଟନ୍ତି ବୋଲି ବୁଦ୍ଧିଜୀବୀ ମାନେ ପ୍ରକାଶ କରିଥିଲେ ।

# ଲୋକନାଥ ମନ୍ଦିରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ




ପୁରୀ(ନିପ୍ର): ଓଡିଶା ସରକାରଙ୍କ ନିର୍ଦ୍ଦେଶ ମୁତାବକ ଅପ୍ରେଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରା ଯାଉଛି । ତେଣୁ ପୁରୀ ମହାନଗର ନିଗମ ଦ୍ୱାରା ପ୍ରସିଦ୍ଧ ଶ୍ରୀ ଲୋକନାଥ ମନ୍ଦିର ପରିସରରେ ପ୍ରତ୍ୟୁଷରୁ ସ୍ୱଛତା ଅଭିଯାନ କରାଯାଇ ଥିଲା । ଏଥିରେ ପୁରୀ ମହା ନଗର ନିଗମର ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ସମେତ ସ୍ଥାନୀୟ ବାସିନ୍ଦା ଓ ସାମାଜିକ ଅନୁଷ୍ଠାନ ହାପିନେସ ଫାଉଣ୍ଡେସନର ସ୍ୱେଚ୍ଛାସେବୀ ପ୍ରମୁଖ ଯୋଗ ଦେଇ ସ୍ୱଛତା ରେ ସାମିଲ ଥିଲେ । ଏହା ସହ ସମସ୍ତ ବ୍ଲକ ଓ ସହରାଂଚଳରେ ବିଭିନ୍ନ ଐତିହ୍ୟ, ପର୍ଯ୍ୟଟନ ସ୍ଥଳୀ ଆଦି ମାନଙ୍କରେ ସ୍ୱଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ପିଏମ ଶ୍ରୀ ଦଶରଥପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଯାଜପୁର(ନିପ୍ର): ଦଶରଥପୁର ବ୍ଲକର ପି ଏମ ଶ୍ରୀ ଦଶରଥପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ପରିସରରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସ ଙ୍କ ପ୍ରତିମୂର୍ତ୍ତି ଓ ଅନ୍ୟାନ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଥିଲା । ଭାରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ଲକ୍ଷ୍ମୀପ୍ରିୟା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷକ ଦ୍ୱୈଦତ ବେହେରା ବେଦପାଠ, ଶିକ୍ଷୟତ୍ରୀ ଗାୟତ୍ରୀ ପ୍ରିୟଦର୍ଶିନୀ ଦେବତା ଅତିଥି ପରିଚୟ ଓ ଶିକ୍ଷୟତ୍ରୀ ରୋଜାଲିନା ପ୍ରିୟଦର୍ଶିନୀ ଖୁଂଟିଆ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଛାତ୍ର ଛାତ୍ରୀଙ୍କଦ୍ୱାରା ସ୍ୱାଗତ ସଂଗୀତଗାନ ଓ ଛାତ୍ରୀ ଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ସାଂସଦ ଡ଼ ରବୀନ୍ଦ୍ର ନାରାୟଣ ବେହେରା, ମୁଖ୍ୟବକ୍ତା ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ କୁମାର ସେନ ସେନାପତି, ଏ ବି ଇ ଓ ସାବିତ୍ରୀ ସେଠି, ଏସ ଏମ ସି ସଭାପତି ଦେବେନ୍ଦ୍ର ଦାଶ, ପଂଚସଖା ଶିକ୍ଷା ସେତୁ ସଂଗଠନର ସଭାପତି ନାରାୟଣ ଚନ୍ଦ୍ର ସାହୁ, ଦଶରଥପୁର ସରପଂଚ ମିନାରାଣୀ ବେହେରା, ଚମ୍ପେଇପାଳ ସରପଂଚ ହିମାଂଶୁ ନାୟକ ଓ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶଶିକାନ୍ତ ଦାଶ ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଂଚସଖା ସଂଗଠନର ଉପଦେଷ୍ଟା ସରୋଜ ମହାପାତ୍ର, ପ୍ରାକ୍ତନ ବ୍ଲକ ଅଧକ୍ଷ ରମେଶ ସାମଲ, ପ୍ରାକ୍ତନ ସରପଂଚ ଇନ୍ଦ୍ରଜିତ ଦାସ, ପ୍ରାକ୍ତନ ବି ଇ ଓ ଅନ୍ନଦା ପ୍ରସାଦ ରଣା ଓ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅର୍ଜୁନ ଚରଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରାକ୍ତନ ଛାତ୍ର ରବୀନ୍ଦ୍ର ସାହୁ, ବୈଦନାଥ ଦାଶ, ପରମାନନ୍ଦ ପୃଷ୍ଟି, ଡ ପ୍ରିତିଶ ସାହୁ, ଡାକ୍ତର ବିକାଶ କୁମାର ନନ୍ଦ ଓ ଇଞ୍ଜିନିଅର ପର୍ଶୁରାମ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ବିଷ୍ଣୁ ଚରଣ ବେହେରା, ଭରତ ସାହୁ, କୌସିକ ଦାସ, ଯତୀନ୍ଦ୍ର ନାଥ କର, ଆଞ୍ଜନେୟ ପ୍ରସାଦ ରାୟ, ମନିଷ ସାହୁ, ମହେଶ୍ୱର ସାହୁ, ବିରଜା ପ୍ରସାଦ ଦାସ, ରମାକାନ୍ତ ସାହୁ, ଚନ୍ଦ୍ରଶେଖର ସାହୁ, ଆଶୁତୋଷ ପାଣିଗ୍ରାହୀ, ଯଯାତି କେଶରୀ କଣ୍ଡ, ସତ୍ୟରଞ୍ଜନ ଓଝା ଓ ଭ୍ୱତୋଷ ପାଣିଗ୍ରାହୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । କୃତୀ ପ୍ରତିଯୋଗିଙ୍କୁ ପ୍ରମାଣ ପତ୍ର ସହ ପୁରସ୍କୃତ କରାଯାଇଥିବାବେଳେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହାସହ ଏସ ଏମ ସି କମିଟିର ପ୍ରାକ୍ତନ ଓ ବର୍ତମାନର ସଭାପତି ଓ ସଭ୍ୟ ସଭ୍ୟା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ଶିକ୍ଷକ ଅନିଲ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।ଏଥିରେ ଛାତ୍ର ଛାତ୍ରୀ, ଅବିଭାବକ, ପ୍ରାକ୍ତନ ଛାତ୍ର ଛାତ୍ରୀ ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଗଣ ଯୋଗ ଦେଇଥିଲେ ।

# ଆୟୁଷ ଡାକ୍ତରମାନଙ୍କ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ




ଯାଜପୁର(ନିପ୍ର): ଯାଜପୁର ଆଶୀର୍ବାଦ ମଣ୍ଡପରେ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧିନସ୍ଥ ଆୟୁଷ ଡାକ୍ତର ମାନଙ୍କ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଆୟୁଷ ଡାକ୍ତର ସଙ୍ଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ବାର୍ଷିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଙ୍ଘ ସଭାପତି ଡ଼ ହିମାଂଶୁ କୁମାର ମିଶ୍ର ଯୋଗ ଦେଇ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ଜିଲ୍ଲା ସଂଘର ସଭାପତି ଡ଼ ସୁଶାନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସଂଘର କୋଷାଧ୍ୟକ୍ଷ ଡ଼ ଶୁଭେନ୍ଦୁ ଦାସ, ଜିଲା ସମ୍ପାଦକ ଡ଼ ରାଜ କିଶୋର ଦାସ, ଜିଲ୍ଲା କୋଷାଧକ୍ଷ ଡ଼ ବ୍ରମଃବରଦା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗ ଦେଇ ଆୟୁଷ ଡାକ୍ତର ମାନଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଲୋକପାତ କରିଥିଲେ । ସଭା ପ୍ରାରମ୍ଭରେ ରାଜ୍ୟରେ ଆୟୁଷ ଡାକ୍ତର ମାନଙ୍କ ବେତନ ବର୍ଦ୍ଧିତ କରିଥିବାରୁ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ରାଜ୍ୟ ଓ ଜିଲ୍ଲା ସଂଘ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇ ଥିଲା । ଆୟୁଷ ଡାକ୍ତର ମାନଙ୍କ ଦୀର୍ଘ ଦିନର ୧୦ ଦଫା ଦାବି ମଧ୍ୟରୁ ରାଜ୍ୟ ସରକାର ନିକଟରେ ଦୁଇ ଗୋଟି ଦାବି ପୂରଣ କରିଥିଲେ । ବାକି ୮ ଗୋଟି ଦାବି ସମ୍ପର୍କରେ ଏହି ସମ୍ମିଳନୀରେ ବିସ୍ତୃତ ଆଲୋଚନା କରାଯିବା ସହ ଖୁବଶୀଘ୍ର ଦାବି ଗୁଡିକ ସମ୍ପର୍କରେ ରାଜ୍ୟ ସରକାରଙ୍କ ଦୃଷ୍ଟିଗୋଚର କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇ ଥିଲା । ଏହି ସମ୍ମିଳନୀରେ ଡ଼ ମନୋରଞ୍ଜନ ମିଶ୍ର ଓ ଡ଼ ବିଶ୍ୱ ପ୍ରକାଶ ସାମନ୍ତ ପ୍ରମୁଖ ଯୋଗ ଦେଇ ପରିଚାଳନାରେ ସକ୍ରିୟ ସହଯୋଗ କରିଥିବା ବେଳେ ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକ ରୁ ୩୫ଜଣ କାର୍ଯ୍ୟରତ ଆୟୁଷ ଡାକ୍ତର ଯୋଗ ଦେଇଥିଲେ ।

# ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ଦିବସ ପାଳିତ

ସୋର(ନିପ୍ର): ଓଡ଼ିଶା ସରକାରଙ୍କ ଯୋଜନା ଆଧାରରେ ସୋର ବ୍ଲକ ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ଦିବସ ୨୦୨୬, ସୋର ଗୋଷ୍ଠୀ ଶିକ୍ଷାଧିକାରୀ ଙ୍କ ଆନୁକୂଲ୍ୟରେ ସହର ଉପକଣ୍ଠସ୍ଥ ରାଧାନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଅଛି । ପୂର୍ବାହ୍ନ ଘ ୯.୦୦ଟିକା ସମୟରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ସୋର ଶ୍ରୀଯୁକ୍ତ ମାଧବ ଧଡା ପତାକା ଦେଖାଇ ଶିକ୍ଷା ସଚେତନ ରଥର ଶୁଭ ଉଦ୍ଘାଟନ କରିଥିଲେ ଏବଂ ନୂତନ ଭାବେ ନାମ ଲେଖାଇଥିବା ଶିଶୁ ମାନଙ୍କର ଖଡ଼ିଛୁଆଁ କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ସୋମନାଥ ଦାସ, ରାଧାନାଥ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସେକ୍ ସାହାଦତ୍ ଅଲ୍ଲୀ ଯୋଗ ଦେଇଥିଲେ । ବ୍ଲକ୍‌ର ସମସ୍ତ ସି ଆର ସି ସି ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ ପୂର୍ବାହ୍ଣ ୧୧ ଘଟିକା ସମୟରେ ଅନନ୍ତପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମାନ୍ୟବର ବିଧାୟକ ମାଧବ ଧଡା, ୪୫ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଦାସ, ବ୍ଲକ୍ ଅଧକ୍ଷା ମଲ୍ଲିକ ଓ ସହ ଗୋଷ୍ଠୀ ଶିକ୍ଷାଧିକାରୀ ସୋମନାଥ ଦାସ ପ୍ରମୁଖ ଉପସ୍ଥିତ ରହି ଶିଶୁ ଭାଇ ଭଉଣୀ ମାନଙ୍କ ଖଡ଼ି ଛୁଆଁ କରାଇଥିଲେ । ଉକ୍ତ ଶିକ୍ଷା ସଚେତନ ରଥ ସୋର ବ୍ଲକ୍ ଅନ୍ତର୍ଗତ ସିମୁଳିଆ, ପାଖର ଓ ଅନନ୍ତପୁର ଆଂଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ଗ୍ରାମଗୁଡ଼ିକ ପରିକ୍ରମଣ କରିଥିଲା ।

# ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ୩ ମୃତ

ସୋର(ନିପ୍ର): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଦହିସଡା ମଡ଼ର୍ଣ୍ଣ ହୋଟେଲ ସମ୍ମୁଖରେ ଏକ ମର୍ମନ୍ତୁଦସଡ଼କ ଦୁର୍ଘଟଣାରେ ୩ ଜଣଙ୍କର ଶୋଚନୀୟ ମୃତ୍ୟୁ ହୋଇଯାଇଛି । ସୂଚନା ଅନୁସାରେ ରବିବାର ବିଳମ୍ବିତ ରାତିରେ ରାସ୍ତା କଡରେ ଗାଡ଼ି ଖରାପ ହୋଇ ଛିଡା ହୋଇଥିବା ଜେଏଚ ୦୫ ଇଏଫ ୨୯୫୪ ଟ୍ରକ ପଛରୁ ବାଲେଶ୍ୱରରୁ ସୋର ଅଭିମୁଖେ ଆସୁଥିବା ୟୁପି ୮୨ ଟି ୩୮୮୮ ନମ୍ବର ବିଶିଷ୍ଟ ଟ୍ରକ ଶକ୍ତ ଧକ୍କା ଦେଇଥିଲା । ଫଳରେ ଟ୍ରକରେ ଥିବା ୩ ଜଣ ଚାପି ହୋଇ ରହିଥିଲେ । ଖବର ପାଇ ସୋର ପୋଲିସ ଏବଂ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଗ୍ୟାସ୍ କଟର ସାହାଯ୍ୟରେ ଟ୍ରକକୁ କାଟି ସମସ୍ତଙ୍କୁ ଉଦ୍ଧାର କରି ଜାତୀୟ ରାଜପଥ ଆମ୍ବୁଲାନ୍ସରେ ସୋର ମେଡିକାଲକୁ ଆଣାଯାଇଥିଲା । ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ । ସୋର ପୁଲିସ ଘଟଣାସ୍ଥଳରେ ଥିବା ଉଭୟ ଗାଡିକୁ ଜବତ କରିବା ସହିତ ସୋର ମେଡ଼ିକାଲରେ ପହଂଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି । ପ୍ରକାଶ ଥାଉକି ସୋରରେ ଏକ ଟ୍ରୋମାକେୟାର ସେଂଟର ପାଇଁ ସରକାରୀ ଭାବେ ଘୋଷଣା ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ । ଯାହାଫଳରେ ଦୁର୍ଘଟଣାଗ୍ରସ୍ତ ଗୁରୁତର ଆହତ ରୋଗୀମାନେ ତୁରନ୍ତ ସଫଳ ଚିକିତ୍ସା ନପାଇବାରୁ ମୃତ୍ୟୁମୁଖରେ ପଡୁଛନ୍ତି । ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଜନସାଧାରଣଙ୍କ ତରଫରୁ ଦାବି କରାଯାଇଛି ।

# ବିଜେପିର ୪୭ତମ ପ୍ରତିଷ୍ଠା ଦିବସ ପାଳିତ



ବାଲିଆପାଳ(ନିପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିଆପାଳ ମଣ୍ଡଳରେ ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ବିଜେପିର ୪୭ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ମଣ୍ଡଳ ସଭାପତି ଅକ୍ଷୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସରେ ବିଜେପି ନେତା ରବୀନ୍ଦ୍ର ଅଣ୍ଡିଆ, ଜିଲ୍ଲା ଉପସଭାପତି ଅରବିନ୍ଦ ବେହେରା, କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଅଜୟ କୁମାର ସାହୁ, ଅଦୈତ୍ୟ ବାଗ, ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଯୋଗଦେଇ ବିଜେପି ପ୍ରତିଷ୍ଠା ଠାରୁ ଡ଼ବଲ ଇଞ୍ଜିନ ସରକାର ହେବା ପର୍ଯ୍ୟନ୍ତ ପାର୍ଟିର ଇତିହାସ ଓ ବିଜେପିର ବିଚାର ଧାରା ଏବଂ ସରକାରଙ୍କ ସଫଳତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଗାମୀ ଦିନରେ ହେବାକୁ ଥିବା ପଂଚାୟତ ନିର୍ବାଚନରେ ପାର୍ଟିର ବିଜୟ ପାଇଁ ଏବେ ଠାରୁ ପ୍ରାଣମୋର୍ଚ୍ଛା ଉଦ୍ୟମ କରିବା ପାଇଁ ବକ୍ତା ମାନେ କର୍ମୀ ମାନଙ୍କୁ ଏହି ଅବସରରେ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସତ୍ୟରଞ୍ଜନ ମଣ୍ଡଳ, ବିଷ୍ଣୁପୁର ସରପଂଚ ମହେଶ୍ୱର ଜେନା, ଲମ୍ବୋଦର ମାହାନା, ଅନନ୍ତ ବିଶ୍ୱାଳ, ଗୋପାଳ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ହେମନ୍ତ ଦାସ ଶେଷରେ ଧନ୍ୟବାଦ ଦେଇଥିଲେ ।

## AFFIDAVIT

I Jitu Maity, S/o- Sri Rabindra Maity of Vill- Purna Prasad, Po- Kishorepras, PS- Dosinga, Dist- Bhadrak (Odisha), Pin- 756171 declare by this affidavit No. 2424, dtd. 06.04.2026 that Jitu Maity and Jitendra Maity is one & same person, now onwards I shall be known as Jitu Maity for all future purposes.

**Sd/-**
**Jitu Maity**

## AFFIDAVIT

I Rakesh Agrawal aged about 47 years, S/O Late RambilasAgrawal,At-Bateswar, P.O-Motiganj, P.S-Town, Dist-Balasore-756003,Odisha Declared by this affidavit No- 2240 Dated-30/03/2026 that now onwards I shall be known as Rakesh Kumar Agrawal for all future Purposes.





ଦୁଃଖରୁ ମୁକ୍ତି ପାଇବାର ଏକମାତ୍ର ପନ୍ଥା ହେଉଛି ନିଜେ ସବୁ ବେଳେ କର୍ମରତ ରହିବା

# ଆଜିକାଲି



*ଯେଷାମର୍ଥେକାଙ୍କ୍ଷିତଂ ନୋ ରାଜ୍ୟଂ ଭୋଗାଃ ସୁଖାନି ଚ*
*ତ ଇମେଽବସ୍ଥିତା ଯୁଦ୍ଧେ ପ୍ରାଣାଂସ୍ତ୍ୟକ୍ତ୍ୱା ଧନାନି ଚ ॥*
*(ଶ୍ରୀମଦ୍ ଭଗବତ୍ ଗୀତା)*

*ଭାବାର୍ଥ : ଆମେ ଯେଉଁମାନଙ୍କ ପାଇଁ ରାଜ୍ୟ, ଭୋଗ ଓ ସୁଖାଦି ଅଭିଳାଷ କରୁଛୁ, ଦେଖନ୍ତୁ ଏହି ଠାରେ ସେହିମାନେ ତ ଧନ ଓ ଜୀବନର ଆଶା ଛାଡ଼ି ଯୁଦ୍ଧ କରିବାକୁ ଠିଆ ହୋଇଛନ୍ତି ।*

## ବାୟୁ ପ୍ରଦୂଷଣ ଚିନ୍ତାଜନକ

ବିଶ୍ୱରେ ବାୟୁର ଗୁଣବତା ମୂଲ୍ୟାଙ୍କନ ନେଇ ନିକଟରେ ଯେଉଁ ରିପୋର୍ଟ ପ୍ରକାଶ ପାଇଛି ତାହା ଅତ୍ୟନ୍ତ ଚିନ୍ତାଜନକ । ନିକଟରେ ୧୪୩ଟି ଦେଶର ୯୪୪୬ଟି ସହରରେ ବାୟୁ ମାନ ନେଇ ସୁଇଜରଲାଣ୍ଡର ଏକ ଏୟାର କ୍ୱାଲିଟ୍ ଟେକ୍ନୋଲୋଜି କମ୍ପାନୀ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ୨୦୨୫ ବିଶ୍ୱ ବାୟୁ ଗୁଣବତା ରିପୋର୍ଟ ଅନୁଯାୟୀ ବାୟୁ ପ୍ରଦୂଷଣ କ୍ଷେତ୍ରରେ ଭାରତ ବିଶ୍ୱରେ ଷଷ୍ଠ ସ୍ଥାନ ଅଧିକାର କରିଥିବାବେଳେ ଉତର ପ୍ରଦେଶର ଲୋନି ସହର ବୈଶ୍ୱିକ ସ୍ତରରେ ସବୁଠାରୁ ଅଧିକ ପ୍ରଦୂଷିତ ସହର ବୋଲି କୁହାଯାଇଛି । ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଭାରତର ପାର୍ଟିକୁଲାର ମ୍ୟାନର (ପିଏମ୨.୫) ଗତ ୩ ବର୍ଷ ତୁଳନାରେ ନିମ୍ନ ସ୍ତରେ ଅର୍ଥାତ ୪୮.୯ ୟୁଜି/ଏମ୩କ୍ୟୁରେ ରହିଛି । ରିପୋର୍ଟରେ ପ୍ରକାଶିତ ତଥ୍ୟ ଅନୁଯାୟୀ ୨୦୨୪ରେ ଏହା ୩ ପ୍ରତିଶତ ହ୍ରାସ ପାଇଥିବାବେଳେ ୨୦୨୩ରେ ୧୦ ପ୍ରତିଶତ ହ୍ରାସ ପାଇଥିଲା । ତଥାପି ଭାରି ବାୟୁ ଗୁଣବତା ସୂଚକାଙ୍କରେ ଷଷ୍ଠ ସ୍ଥାନରେ ରହିଛି, ଯାହାକି ଅତ୍ୟନ୍ତ ଉଦ୍‌ବେଗଜନକ । ଇତି ମଧ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ବାୟୁର ଗୁଣବତା ପିଏମ ୨.୫ ସ୍ତର, ଯାହାକି ୫ୟୁଜି/ଏମ୩କ୍ୟୁ ସ୍ତରଠାରୁ ଅଧିକ ନୁହେଁ, ସ୍ୱାସ୍ଥ୍ୟ ପାଇଁ ବିପଦଜନକ ନଥିବା ସୁପାରିଶ କରିଛି । କିନ୍ତୁ ବହୁ ଭାରତୀୟ ସହରର ବାୟୁ ପ୍ରଦୂଷଣ ସ୍ତର ପିଏମ ୨.୫ ଠାରୁ ଅଧିକ ରହିଛି । କେତେକ ସହର ଏହି ସୀମା ଅତିକ୍ରମ କରିସାରିଲେଣି । ଜାତୀୟ ରାଜଧାନୀ ଭାବେ ରହିଥିବାବେଳେ ବିଶ୍ୱର ସର୍ବୋଚ୍ଚ ପ୍ରଦୂଷିତ ରାଜଧାନୀ ଭାବେ ରହିଥିବାବେଳେ ବିଶ୍ୱର ସର୍ବାଧିକ ପ୍ରଦୂଷିତ ୨୦ଟି ସହର ମଧ୍ୟରେ ୧୭ତମ ସ୍ଥାନରେ ରହିଛି । କହିବା ବାହୁଲ୍ୟ ଯେ, ଏହି ପ୍ରଦୂଷିତ ସହରଗୁଡିକ କେବଳ କେନ୍ଦ୍ରୀୟ ଓ ଦକ୍ଷିଣ ଏସୀଆରେ ରହିଛି । ଶିଳ୍ପରୁ ଅନିୟନ୍ତ୍ରିତ ଭାବେ ନିର୍ବାଚନ ଯୋଗୁଁ ଏହି ସହର ଗୁଡିକରେ ପ୍ରଦୂଷଣ ବୃଦ୍ଧି ପାଇବା ସହ ବାୟୁର ମାନ ହ୍ରାସ ପାଇବାରେ ଲାଗିଛି । ବିଶେଷ କରି ଯାନବାହାନ ପ୍ରଦୂଷଣ, ନିର୍ମାଣ ଧୂଳିକଣା, ଋତୁଭିତିକ ନଡାମୂଳ ପୋଡି ଏବଂ ତାପମାତ୍ରାର ଓଲଟା ପରିବର୍ତନ ବାୟୁର ଗୁଣବତା ମାନ ହ୍ରାସ ପାଇଁ ମୁଖ୍ୟତଃ ଦାୟୀ । ଉଲ୍ଲେଖଯୋଗ୍ୟ ଯେ, ଜାତୟ ରାଜଧାନୀ ଦିଲ୍ଲୀ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କେତେକ କଟକଣା ଯୋଗୁଁ ପରିସ୍ଥିତିରେ ସୁଧାର ହେଉଛି, କିନ୍ତୁ ମାନବ ସ୍ୱାସ୍ଥ୍ୟ ପାଇଁ ଚିନ୍ତାର କାରଣ ଭାବେ ଉଭା ହେଉଛି । ଜାତୀୟ ରାଜଧାନୀ ଦିଲ୍ଲୀଠାରୁ ଦେଶର ଅନ୍ୟତମ ବ୍ୟସ୍ତ ବହୁଳ ସହର ତଥା ମେଟ୍ରୋପଲିଟାନ ସିଟ୍ ଲୋକତାର କମ୍ ପ୍ରଦୂଷିତ ସହର ହୋଇଥିବାବେଳେ ୨୫୯ଟି ଭାରତୀୟ ସହରଗୁଡିକ ମଧ୍ୟରେ ୪୯ତମ ସ୍ଥାନରେ ରହିଛି । କିନ୍ତୁ 'ହୁ'ର ମାର୍ଗଦର୍ଶିକା ଠାରୁ ୧୦ଗୁଣ ଅଧିକ ଥିବା କୁହାଯାଇଛି । ଆହୁରି ମଧ୍ୟ ଦ୍ରୁତ ସହରୀକରଣ ବାୟୁ ପ୍ରଦୂଷଣ ବୃଦ୍ଧିର ଅନ୍ୟ ଏକ କାରଣ ଭାବେ ଉଭା ହୋଇଛି । ରିପୋର୍ଟରେ କୁହାଯାଇଛି ଯେ, କୋଲକତା ମଧ୍ୟମଗ୍ରାମ, ରିସ୍ରା, ବାରାକପୁର ଏବଂ ହାୱଡାର ଚତୁପାର୍ଶ୍ୱରେ ଥିବା ସହରତଳି ଅଂଚଳରେ ପ୍ରଦୂଷଣର ହାର ପିଏମ ୨.୫ ସ୍ତରଠାରୁ ଅଧିକ ରହିଛି । ଏହି ଚ୍ୟାଲେର ମୁକାବିଲା ଲାଗି ଭାରତର ପଦକ୍ଷେପ ଖଣ୍ଡବିଖଣ୍ଡିତ ରହିଛି । କେନ୍ଦ୍ର ନ୍ୟାଶନାଲ କ୍ଲିନ୍ ଏୟାର ପ୍ରୋଗ୍ରାମର ପ୍ରମୁଖ ସଂସ୍ଥା ଭାବେ ପରିଚିତ ନ୍ୟାଶନାଲ କ୍ଲିନ ଏୟାର ପ୍ରୋଗାମର ପରିସର ଏବେ ସଂକୁଚିତ ହେବାରେ ଲାଗିଛି । ଏହି ସଂସ୍ଥା ଏବେ ପ୍ରଦୂଷିତ ସହରଗୁଡିକରେ କିଛି ଅଂଶରେ ନିଜର କାର୍ଯ୍ୟକ୍ରମ କରୁଥିବାବେଳେ ଏଥିଲାଗି ବ୍ୟୟବରାଦ ଅର୍ଥର ୬୦ପ୍ରତିଶତରୁ ଅଧିକ ଅର୍ଥ ରାସ୍ତାରେ ଧୂଳି, ଆଉଟପୁଟ୍, କୋଇଲା ଉପରେ ନିର୍ଭରଶୀଳ ଏବଂ ନଡାମୂଳ ପୋଡି ହ୍ରାସ କ୍ଷେତ୍ରରେ ବିନିଯୋଗ ହେଉଛି । ଯାହା ଏହାର ସମାଧାନ ପାଇଁ ଅପ୍ରର୍ଯ୍ୟାପ୍ତ ବୋଲି କୁହାଯାଏ । ତେବେ ଜରୁରୀ କାର୍ଯ୍ୟକ୍ରମ ସ୍ୱରୁପ ସ୍କୁଲ ବନ୍ଦ, ନିର୍ମାଣ କାର୍ଯ୍ୟ ବନ୍ଦ, ସାମୟିକ ଭାବେ ଯାନବାହାନ ଚଳାଚଳ ଉପରେ କଟକଣା ତୁରନ୍ତ ଲାଗୁ କରାଯାଉଛି କିନ୍ତୁ ଏହା ନିଶ୍ଚିତ ଯେ, ଭାରତ ସଂକଟ ପରିଚାଳନା ପରିବର୍ତେ ଶୃଙ୍ଖଳିତ ଭାବରେ ସଂସ୍କାର ଉପରେ ଅଗ୍ରାଧିକାର ଦେବା ଆବଶ୍ୟକ । ବାୟୁ ପ୍ରଦୂଷଣ ହ୍ରାସ ପାଇଁ ଆଂଚଳିକ ସମନ୍ୱୟ ଏବଂ ସହରଯୋଜନାରେ ମିଳିତ ଭାବେ ବାୟୁର ଗୁଣବତା ଉପରେ ବିଶେଷ ଧ୍ୟାନ ଦେବା ଜରୁରୀ । ଯାହାଫଳରେ ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ଆଶା କରାଯାଏ ।

# ବିଶ୍ୱ ସ୍ୱାସ୍ଥ୍ୟ ଦିବସ : ଏକ ଅନୁଚିନ୍ତା

◆ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଶରୀର ଓ ମନ ଉଭୟର ସୁସ୍ଥତା ହିଁ ଉତମ ସ୍ୱାସ୍ଥ୍ୟର ଚାବିକାଠି । ସେଥିପାଇଁ କୁହାଯାଏ ସ୍ୱାସ୍ଥ୍ୟବାନ ବ୍ୟକ୍ତି ପରିବାର, ସମାଜ, ରାଜ୍ୟ, ଦେଶ ଓ ଜାତିର ମୁଖ ଉଜ୍ଜ୍ୱଳ କରିଥାନ୍ତି । ତେଣୁ ଯଥାର୍ଥରେ କୁହାଯାଏ ସ୍ୱାସ୍ଥ୍ୟ ହିଁ ସମ୍ପଦ । ସ୍ୱାସ୍ଥ୍ୟ କିଣାବିକା ହୋଇପାରିବା ଜିନିଷ ନୁହେଁ । ପିତାମାତାଙ୍କ ଜୀବନର ସଂଯମତା ଓ ନିଷ୍ଠାପରତା ଉପରେ ଭବିଷ୍ୟତ ବଂଶଧରମାନଙ୍କ ଶାରୀରିକ, ମାନସିକ ତଥା ଗୁଣାତ୍ମକ ସ୍ୱାସ୍ଥ୍ୟ ନିର୍ଭର କରିଥାଏ । ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଆମେ ହାଲୁକା ଭାବେ ଗ୍ରହଣ କରିବା ଉଚିତ ନୁହେଁ । ଏକ ଉତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ, ପରିଷ୍କାର ପାନୀୟ, ଶୁଦ୍ଧ ପରିବେଶ, ଗୃହ ତଥା ଶଯ୍ୟା ଓ ବସ୍ତ୍ର ପ୍ରଭୃତିର ପରିଚ୍ଛନ୍ନତା ନିତାନ୍ତ ପ୍ରୟୋଜନ । ନିୟମିତ ଜୀବନଚର୍ଯ୍ୟା ଆଉ ଏକ ବଡ଼ କଥା । ଖାଦ୍ୟ, ପାନୀୟ ଦୃଷ୍ଟିରୁ ତିନୋଟି ଶୁଦ୍ଧତା ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ହୋଇଥାଏ । ଖାଦ୍ୟର ପ୍ରକାର ପରିମାଣ ଆଉ ଏକ ବିଚାର୍ଯ୍ୟ ବିଷୟ । ଖାଦ୍ୟ ସାତ୍ୱିକ ହେବା ବିଧେୟ । ମାଛ, ମାଂସ, ପିଆଜ, ରସୁଣ ଓ ମାଦକ ଦ୍ରବ୍ୟ ସର୍ବଦା ବର୍ଜନୀୟ । ରାଜସିକ ଓ ତାମସିକ ଖାଦ୍ୟ ଦେହ ତଥା ମନ ପ୍ରତି ଭଲ ନୁହେଁ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ନିରାମିଷ ଭୋଜନ କରୁଥିବା ଲୋକମାନେ ନିରୋଗୀ ଓ ଦୀର୍ଘାୟୁ ବୋଲି ମତବ୍ୟକ୍ତ କରିଛନ୍ତି । ଏଠାରେ ପରିମାଣ କଥା ଭୁଲିଗଲେ ହେବ ନାହିଁ । ସାତ୍ୱିକ ଖାଦ୍ୟ ହେଲେ ବି ଯଦି ଅଧିକ ପରିମାଣରେ ଗ୍ରହଣ କରାଯାଏ; ତେବେ ତାହା ତାମସିକତା ବା ଆଳସ୍ୟ ଭାବ ସୃଷ୍ଟି କରିଥାଏ । ତେଣୁ ମିତାହାର ଭୋଜନ କରିବା ସବୁବେଳେ ଭଲ । ମିତାହାରକୁ ଭଲ ଭାବେ ବୁଝାଇ କୁହାଯାଇଛି ଯେ, ପାକସ୍ଥଳୀର ଶତକଡ଼ା ପଚାଶ ଭାଗ ଖାଦ୍ୟରେ ପୂରଣ କରିବା ଉଚିତ୍, ଶତକଡ଼ା ପଚିଶ ଭାଗ ଜଳ ପାଇଁ ଓ ଶତକଡ଼ା ପଚିଶ ଭାଗ ପବନ ପାଇଁ ରଖାଯିବା ଉଚିତ । ଯେତେବେଳେ ଖାଇବ ଅଧାପେଟ ତାହା ମଣିଷକୁ କାର୍ଯ୍ୟକ୍ଷମ ରଖେ । ପ୍ରତ୍ୟେକ ଦିନ ନିର୍ଦ୍ଦିଷ୍ଟ ସମୟରେ, ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ଖାଦ୍ୟ ଗ୍ରହଣ କରାଗଲେ ସର୍ବୋତମ ଫଳ ମିଳିଥାଏ । ଖାଦ୍ୟ ଗ୍ରହଣ କରିବା ଭଳି ଏକ କର୍ମକୁ ଉପାସନାରେ ପରିଣତ କରାଯାଇପାରିବ । ଏଥିପାଇଁ ଦରକାର ଏକ ଉପଯୁକ୍ତ ଭାବ । ଆମ ପାକସ୍ଥଳୀରେ ଏକ ପ୍ରକାର ଅଗ୍ନି ଅଛି ବୋଲି ଆଧାତ୍ମିକବାଦୀମାନେ କହିଥାନ୍ତି । ସେହି ଅଗ୍ନି, କ୍ଷୁଧା ସୃଷ୍ଟି କରେ ଓ ସେ କ୍ଷୁଧାକୁ ସନ୍ତୁଷ୍ଟ କରିବା ପାଇଁ




ଆମେ ସେ ଅଗ୍ନି କୁଣ୍ଡରେ ଖାଦ୍ୟ ଅର୍ପଣ କରିଥାଉ । ଏହି ଅଗ୍ନି ଆମ ଠାରେ ସମ୍ଭବ ହୋଇଛି କେବଳ ପରଂବ୍ରହ୍ମ ପରମାତ୍ମାଙ୍କ ଅଂଶ ଆତ୍ମାର ସ୍ଥିତି ଯୋଗୁ । ଆତ୍ମା ବାହାରି ଯାଇଥିବା ଦେହ, ଶବଠାରେ କ୍ଷୁଧା ସୃଷ୍ଟି ହୋଇପାରେ ନାହିଁ । ଏହି କ୍ଷୁଧାକୁ ତୁଷ୍ଟ କରିବା ଅର୍ଥ ବୈଶ୍ୱାନରଙ୍କୁ ସନ୍ତୁଷ୍ଟ କରିବା । ଭାଗବତ ଗୀତାରେ ଉଲ୍ଲେଖ ଅଛି 'ଅହଂ ବୈଶ୍ୱାନରୋ ଭୂତ୍ୱା ପ୍ରାଣିନାମ୍ ଦେହ ମାଶ୍ରିତଃ, ପ୍ରାଣପାନ ସମାଯୁକ୍ତପଚାମ୍ୟନ୍ନକମ୍ ଚତୁର୍ବିଧମ୍ ।' ଏ ଦୃଷ୍ଟିରୁ କ୍ଷୁଧାକୁ ସନ୍ତୁଷ୍ଟ କରିବା ଅର୍ଥ ଭଗବାନଙ୍କୁ ସନ୍ତୁଷ୍ଟ କରିବା, ଯାହାର ପ୍ରକୃତ ଅର୍ଥ ହେଉଛି 'ଏକ ଉପାସନା' । ଭୋଜନ କରିବା କେବଳ ଜିହ୍ୱା ଲାଳସାର ସନ୍ତୁଷ୍ଟି ନୁହେଁ ବା ସେ ଉଦ୍ଦେଶ୍ୟରେ ହେବା ଉଚିତ ନୁହେଁ । ଖାଦ୍ୟ ଗ୍ରହଣ କରିବା ଏକ ଯଜ୍ଞ ସହ ତୁଳନୀୟ । ଯଜ୍ଞାଗ୍ନିକୁ ଯେଭଳି ନାନା ବିଧ ଦ୍ରବ୍ୟ ଅର୍ପଣ କରାଯାଏ, ଖାଦ୍ୟ ଗ୍ରହଣ କରିବା ସେ ଭଳି ଏକ ଯଜ୍ଞକର୍ମ, ଦେବକର୍ମ ଓ ଉତମ ଉପାସନା । ବେଳେ ବେଳେ ନାନା କାରଣବଶତଃ ମଣିଷ ଅଭିମାନ ଅଜ୍ଞତା ଓ କ୍ରୋଧର ବଶବର୍ତୀ ହୋଇ ବା ଅନ୍ୟ କାହା ଉପରେ ଦାଉ ସାଧିବାକୁ ଯାଇ, ନଖାଇ ନପିଇ ନିଜ ଦେହକୁ କଷ୍ଟ ଦେଇଥାଏ । ବେଳେ ବେଳେ ଓଲିଏ ପାଇଁ ପାକସ୍ଥଳିକୁ ପରିଷ୍କାର କରିବା ପାଇଁ ଖାଦ୍ୟ ଗ୍ରହଣ କରିବାରେ ବିରତି ଦିଆଯାଇ ପାରେ । ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ସୁସ୍ଥତା ଓ ସର୍ବୋପରି ଆଧାତ୍ମିକ ସ୍ୱାସ୍ଥ୍ୟ ପାଇଁ ସଠିକ୍ ପ୍ରକାରର, ସଠିକ୍ ଭାବର ସହ ଖାଦ୍ୟ ଗ୍ରହଣ କରିବା କେତେ ବେଶୀ ତାତ୍ପର୍ଯ୍ୟପୂର୍ଣ୍ଣ ତାହା ସମସ୍ତଙ୍କର ଅନୁଧ୍ୟାନର ବିଷୟ । ଆଧାତ୍ମିକ ସ୍ୱାସ୍ଥ୍ୟ ନିମିତ ନିୟମିତ ପୂଜା ପ୍ରାର୍ଥନା, ଧ୍ୟାନ ଓ ଗୁରୁଦୀକ୍ଷା ଏକାନ୍ତ ପ୍ରୟୋଜନ । ''ସ୍ୱାସ୍ଥ୍ୟଟିକୁ ନିୟନ୍ତ୍ରଣ କରି ଦୃଢତର, ରୁହ ତୁମେ ସୁଜାଗ୍ରତ ଓହେ ଅନୁକ୍ଷଣ, ପୂଜିବାରେ ଇଷ୍ଟଦେବେ ସାର୍ଥକ ଆଚାରେ, ନୀଚବୁଦ୍ଧି ଅହମିକା କରିବା ବର୍ଜନ'' ଏହି ମତବ୍ୟକ୍ତ କରିଛନ୍ତି ମହାପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର । ନିଜ ସ୍ୱାସ୍ଥ୍ୟ ପ୍ରତି ନିଜେ ନିଜେ ସଚେତନ ହୋଇ ସମସ୍ତେ ଯଦି ସ୍ୱାସ୍ଥ୍ୟ ନୀତି ଓ ନିୟମ ପାଳନ ପୂର୍ବକ ସୁସ୍ଥ ଜୀବନଯାପନ କରନ୍ତେ ତାହା ନିଜ ପ୍ରତି, ନିଜ ପରିବାର ପ୍ରତି ସର୍ବୋପରି ସମାଜ ତଥା ଦେଶ ପ୍ରତି ଆଶୀର୍ବାଦ ହୋଇଯାଆନ୍ତା । ସୁସ୍ଥ ଶରୀର, ସୁସ୍ଥ ମନର ଜନକ । ସୁସ୍ଥ ମନ ଉନ୍ନତ ବିଚାରର ଜନକ, ଉନ୍ନତ ବିଚାର ବିବେକର ସମର୍ଥକ । ବିବେକାନୁମୋଦିତ ଜୀବନ ହିଁ ସର୍ବୋତମ ଫଳଦାୟୀ ଜୀବନ । ଆଜି ଲୋକମାନଙ୍କ ଶାରୀରିକ ସୁସ୍ଥତା କ୍ଷେତ୍ର ପାଇଁ ସରକାରୀ ଚିକିତ୍ସାଳୟରେ ଆବଶ୍ୟକୀୟ ସମସ୍ତ ପ୍ରକାର ଭିତିଭୂମି ରଖିଛନ୍ତି । କେବଳ ଚିକିତ୍ସା ନୁହେଁ ରୋଗୀଟିର ଆର୍ଥିକ ଭିତିଭୂମିକୁ ଗୁରୁତ୍ୱ ଦେବା ସହ ନିରାମୟ ସ୍ୱାସ୍ଥ୍ୟ ଗଠନ ପାଇଁ ଅନେକ ସଚେତନ ଧର୍ମୀ କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି । ତେବେ ଅନେକ କ୍ଷେତ୍ରରେ ଦେଖାଯାଏ ଲୋକ ମାନଙ୍କ ଅସଚେତନତାରୁ ନିଜେ ନିଜର ସ୍ୱାସ୍ଥ୍ୟହାନିର କାରଣ ହୋଇଥାନ୍ତି । ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ସଚେତନତା କ୍ଷେତ୍ର ଠାରୁ ଆଧାତ୍ମିକ ନିରାମୟ ଜୀବନ ଗଠନ ପାଇଁ ନିଜ ଦାୟିତ୍ୱ ପ୍ରତି ସଚେତନ ରହିବାର ଉପଯୁକ୍ତ ଦିବସ । ସ୍ୱାସ୍ଥ୍ୟ ହିଁ ସମ୍ପଦ ଏବଂ ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନରେ ସମସ୍ତଙ୍କ ଐକାନ୍ତିକ ନିଃସ୍ୱାର୍ଥପର ଦାୟିତ୍ୱ ସମ୍ପନ୍ନ ଦ୍ୱାରା ସମାଜ ଓ ରାଷ୍ଟ୍ରର ବିକାଶ ସମ୍ଭବ ।

*ବିଭାଗୀୟ ମୁଖ୍ୟ, ପ୍ରଫେସର*
*ହେପାଟୋଲୋଜି ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*: ୯୪୩୭୦୫୧୯୫୭*

# ମରୁଭୂମି ପାଲଟିବ ଓଡ଼ିଶା

◆ ବାଦଲ ଭୂୟାଁ

ପ୍ରତିବର୍ଷ ଲକ୍ଷ ଲକ୍ଷ ହେକ୍ଟର ଜମି ବନୀକରଣ କରାଯାଉଛି ବୋଲି ତଥ୍ୟ ପ୍ରକାଶ ପାଉଛି । ମାତ୍ର ଏପଟେ ଓଡ଼ିଶା ରାଜ୍ୟ ଧୀରେ ଧୀରେ ମରୁଭୂମି ପାଲଟିବାକୁ ବସିଲାଣି । ଦେଶର ପ୍ରମୁଖ ପାଂଚଟି ମରୁଡ଼ି ରାଜ୍ୟ ମଧ୍ୟରେ ଓଡ଼ିଶା ସ୍ଥାନ ପାଇଛି । ରାଜସ୍ଥାନ, ଗୁଜୁରାଟ, ମହାରାଷ୍ଟ୍ର ଓ ଜାମ୍ମୁକାଶ୍ମୀର ପରେ ଓଡ଼ିଶାର ସ୍ଥାନ ପଂଚମ ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି । ରାଜ୍ୟରେ ଜମି ଗୁଡ଼ିକ ଶୁଷ୍କ ପାଲଟି ଗଲାଣି । ଅସନ୍ତୁଳିତ ଜଳବାୟୁ, ଜନସଂଖ୍ୟାର ମାତ୍ରାଧିକ ବୃଦ୍ଧି, ଜଙ୍ଗଲ କ୍ଷୟ, ଅତ୍ୟଧିକ ଭୂତଳ ଜଳ ବ୍ୟବହାର, ନଦୀନାଳ ଜଳରାଶିର ଅସଂଯତ ବ୍ୟବହାର ଓ ତ୍ରୁଟିପୂର୍ଣ୍ଣ ଭୂମି ବିନିଯୋଗ ଯୋଗୁଁ ଏପରି ଉଦ୍‌ବେଗ ଜନକ ସ୍ଥିତି ସୃଷ୍ଟି ହୋଇଛି । ଏପରି ସ୍ଥିତି ଲାଗି ରହିଲେ ସମୟ ଆସିବ ଓଡ଼ିଶା ବି ଦିନେ ଏକ ବଡ଼ ମରୁଭୂମିରେ ପରିଣତ ହୋଇ ଯିବ । ଏକ ରିପୋର୍ଟ ଅନୁଯାୟୀ, ମରୁ ଅଂଚଳ ତାଲିକାରେ ପ୍ରଥମ ସ୍ଥାନରେ ରହିଛି ରାଜସ୍ଥାନ । ଏହି ରାଜ୍ୟର ୨.୩ କୋଟି ହେକ୍ଟର ଜମି ଶୁଷ୍କ । ଏହା ପଛକୁ ଥିବା ଗୁଜୁରାଟ, ମହାରାଷ୍ଟ୍ର ଓ ଜାମ୍ମୁକାଶ୍ମୀରରେ ୧.୩ କୋଟି ହେକ୍ଟର ଜମି ଶୁଷ୍କ ଅବସ୍ଥାରେ । ଆଉ ପଂଚମରେ ଥିବା ଓଡ଼ିଶାରେ ୫୦ଲକ୍ଷ ହେକ୍ଟର ଜମି ଶୁଷ୍କ ପାଲଟିଗଲାଣି । ଯାହାକି ମୋଟ ଜମିର ଶତକଡ଼ା ୩୩ଭାଗ । ତଥାପି ପ୍ରତିବର୍ଷ ସରକାର କହୁଛନ୍ତି ଏଥିପାଇଁ ପଦକ୍ଷେପ ନିଆଯାଉଛି । ମାତ୍ର ବର୍ତମାନ ଓଡ଼ିଶାର ସ୍ଥିତି ଯାହା ଭବିଷ୍ୟତରେ ରାଜ୍ୟ ପ୍ରତି ଏକ ବଡ଼ ବିପଦ ମାଡ଼ି ଆସୁଛି ବୋଲି କୁହାଯାଇପାରେ । ଉଭୟ ପ୍ରାକୃତିକ ଓ ମନୁଷ୍ୟକୃତ କାରଣ ଯୋଗୁଁ ଏହି



ମରୁକରଣ ପ୍ରକିୟା ଏକ ମୁଖ୍ୟ ସମସ୍ୟା ରୂପେ ଉଭା ହୋଇଛି । ବର୍ଷକୁ ହାରାହାରି ୧୦ ଇଂଚରୁ ବୃଷ୍ଟିପାତ କମ୍ ହେଲେ ଅଂଚଳଟି କ୍ରମଶଃ ମରୁଭୂମିରେ ପରିଣତ ହୋଇଥାଏ । ଅସନ୍ତୁଳିତ ଜଳବାୟୁ, ବୃଷ୍ଟିହୀନତା ଓ ବୃକ୍ଷ ଛେଦନ ଏହି ପ୍ରକ୍ରିୟା ପାଇଁ ଦାୟୀ । ରାଜ୍ୟର ବିଭିନ୍ନ ଅଂଚଳରେ କେଉଁଠି ରାସ୍ତା ପ୍ରଶସ୍ତିକରଣ ପାଇଁ ହେଉ ବା ଅନ୍ୟାନ୍ୟ ପାରିପାର୍ଶ୍ୱିକ ଅବସ୍ଥାର ଉନ୍ନତି ପାଇଁ ପ୍ରତିଦିନ ବଡ଼ ବଡ଼ ବୃକ୍ଷ କଟା ଯାଉଛି । ଖୋଦ୍ ରାଜଧାନୀରେ ଗତ ବର୍ଷ ବହୁ ବଡ଼ ବଡ଼ ବରଗଛ ଓ ଅଶ୍ୱତଥ ଗଛ କଟାଯାଇଛି । ରାଜ୍ୟର ଅନ୍ୟ ସହରାଂଚଳ ସହ ଗ୍ରାମାଂଚଳରେ ମଧ୍ୟ ଲୋକମାନେ ଜାଳେଣି ପାଇଁ ଗଛଲତା କାଟିଥାନ୍ତି । ପରିବେଶବିତ୍‌ଙ୍କ କହିବା ଅନୁଯାୟୀ, ବରଗଛର ସ୍ଥାନ ଶାଳ, ପିଆଶାଳ କି କୌଣସି ଫୁଲ ଗଛ ନେଇପାରିବ ନାହିଁ । ବର ଓ ଅଶ୍ୱତଥ ଗଛ ନିକଟରେ ବାୟୁମଣ୍ଡଳକୁ ଶୁଦ୍ଧ ରଖିବା ପାଇଁ ଯେଉଁ କ୍ଷମତା ରହିଛି, ତାହା ଅନ୍ୟ କୌଣସି ଗଛ ନିକଟରେ ନାହିଁ । ମାତ୍ର ପ୍ରଶାସନର ଚିନ୍ତାଧାରା ଭିନ୍ନ । ବର୍ଷ ବର୍ଷ ଧରି ଥିବା ପୁରୁଣା ଗଛ ଗୁଡ଼ିକୁ ସେମାନେ କାଟି ଚାଲିଛନ୍ତି । ଗୋଟିଏ ପଟେ ଗୋଟିଏ ବୃକ୍ଷ ଗୋଟିଏ ଜୀବନ ସ୍ଲୋଗାନ ଦିଆଯାଉଛି, ମାତ୍ର ଅନ୍ୟପଟେ ପ୍ରତିଦିନ ଅବିଚାରିତ ଭାବେ ବୃକ୍ଷ କଟା ଚାଲିଛି । ତଥ୍ୟ ଅନୁଯାୟୀ, ଆଗରୁ ଯେପରି ବୃଷ୍ଟିପାତ ହେଉଥିଲା । ଏହା ଧୀରେ ଧୀରେ କମିବାକୁ ଲାଗିଲାଣି । ଏଣୁ ବର୍ତମାନ ବୃଷ୍ଟି ଜଳକୁ କିପରି ସଂରକ୍ଷିତ ରଖାଯିବ ଓ ଅଧିକରୁ ଅଧିକ ବନୀକରଣ ହୋଇପାରିବ ସେଥିପାଇଁ ପଦକ୍ଷେପ ନିଆଯିବା ଜରୁରୀ । ଏହାସହ ଜଙ୍ଗଲ ଓ ପରିବେଶ ବିଭାଗରେ ଯେଉଁ ଜଳବାୟୁ ପରିବର୍ତନ ସେଲ୍ ଗଠନ କରାଯାଇଛି ତାହା ତ୍ୱରାନ୍ୱିତ ହେବା ଜରୁରୀ । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ କେନ୍ଦ୍ର ସରକାର ଓ ଅନ୍ୟାନ୍ୟ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରାଯିବା ନେଇ ପରିବେଶବିତ୍ ଓ ଜଳସୁରକ୍ଷା କର୍ମୀମାନେ ଦାବି କରୁଛନ୍ତି । ଓଡ଼ିଶାରେ ମରୁକରଣ ପ୍ରକ୍ରିୟା ପ୍ରତିରୋଧ କରିବା ପାଇଁ ବହୁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଗତବର୍ଷ ବନୀକରଣ କାର୍ଯ୍ୟକ୍ରମରେ ବେଶ୍ ସଫଳତା ମିଳିଛି । ୧ଲକ୍ଷ ୯୮ ହଜାର ୮୯୧ ହେକ୍ଟର ଜମିରେ ବନୀକରଣ କରାଯାଇଛି । ୪୭୫୫ କିଲୋମିଟର ରାସ୍ତାରେ ବୃକ୍ଷରୋପଣ କରାଯାଇଛି । ୫କୋଟି ୫୦ଲକ୍ଷ ଚାରା ମାଗଣାରେ ବଂଟା ଯାଇଛି । କେବଳ ସହରାଂଚଳରେ ୧୪ଲକ୍ଷ ୯୦ ହଜାର ଚାରା ରୋପଣ କରାଯାଇଛି । ଗତବର୍ଷ ୧୨ କୋଟି ୪ଲକ୍ଷ ଚାରା ବଂଟନ ଓ ରୋପଣ କରାଯାଇ ଥିବା ବେଳେ ଚଳିତ ବର୍ଷ ସାଢ଼େ ୧୩ କୋଟି ଚାରା ରୋପଣ କରାଯିବାର ଯୋଜନା ରହିଛି । ଅନୁସନ୍ଧାନରୁ ଜଣାଯାଇଛି ଯେ, ଧୀରେ ଧୀରେ ବୃଷ୍ଟିପାତ କମିବାରୁ ଓଡ଼ିଶାର ଲକ୍ଷ ଲକ୍ଷ ହେକ୍ଟର ଜମି ଏବେ ଶୁଷ୍କ । ରାଜ୍ୟ ଧୀରେ ଧୀରେ ମରୁଭୂମି ପାଲଟି ଯିବ । ଜଳ ପ୍ରଦୂଷଣକୁ ରୋକିବା ସହ ବ୍ୟାପକ ବୃକ୍ଷ ରୋପଣ ଜରୁରୀ । ଏହାଦ୍ୱାରା ଉତପ୍ତ ପରିବେଶ ଶାନ୍ତ ସୁଶୀତଳ ହୋଇ ପାରିବ ସର୍ବୋପରି ବ୍ୟାପକ ବନୀକରଣ ଦ୍ୱାରା ସବୁଜ ପରିବେଶ ସୃଷ୍ଟି ହେବା ସହ ମୃତିକା କ୍ଷୟକୁ ରୋକିବା ସହ ଜୈବମଣ୍ଡଳରେ ପ୍ରଚୁର ଓ ବିଶୁଦ୍ଧ ଅମ୍ଳଜାନ ମିଳିପାରିବ । ଏ କ୍ଷେତ୍ରରେ ଆମ ସମସ୍ତଙ୍କର ସଚେତନଧର୍ମୀ ଗୁରୁଦାୟିତ୍ୱ ରହିଛି । ନିଜେ ଗଛ ଲଗାଇବା ସହ ପିଲାମାନଙ୍କ ଭିତରେ ବ୍ୟାପକ ବୃକ୍ଷରୋପଣ ପାଇଁ ସଚେତନତାକୁ ବଢ଼ାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଣୁ ଏଥିପାଇଁ ଉଭୟ ରାଜ୍ୟ ସରକାର ଓ ଜନସାଧାରଣ ପଦକ୍ଷେପ ନେବା ଆବଶ୍ୟକ । ବର୍ତମାନ ପରିବେଶ ମଣିଷର ସ୍ଥିତିକୁ ଦୋହଲାଇ ଦେଲାଣି । ସମସ୍ତେ ଏବେ ଧ୍ୱଂସ ଆଡ଼କୁ ଗତି କରୁଛନ୍ତି । ଯଦି ଉଚିତ ପଦକ୍ଷେପ ନିଆନଯାଏ, ତେବେ ରାଜ୍ୟ ସଂପୂର୍ଣ୍ଣ ଶୁଷ୍କ ପାଲଟିଯିବ ।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଂଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର : ୭୪୮୮୯୯୮୫୩୨*

# ପଶ୍ଚିମ ଏସିଆରେ ଯୁଦ୍ଧ ପ୍ରସଙ୍ଗ : ଭାରତର 'ଷ୍ଟ୍ରାଟେଜିକ ସାଇଲେନ୍ସ' ର ନୀତି

◆ ଡ. ସମନ୍ୱୟ ନନ୍ଦ

ଇରାନ ଉପରେ ଇସ୍ରାଏଲ- ଆମେରିକା ଦ୍ୱାରା ଆକ୍ରମଣ ଓ ଏହା ପରେ ଇରାନ ଦ୍ୱାରା ବିଭିନ୍ନ ଉପସାଗରୀୟ ଦେଶ ଗୁଡିକ ଉପରେ ପ୍ରତି ଆକ୍ରମଣ ଘଟଣାରେ ଭାରତର ଆଭିମୁଖ୍ୟ ସ୍ପଷ୍ଟ ହୋଇଛି । ସଂସଦରେ ନିଜ ଆଡୁ ଏହି ପ୍ରସଙ୍ଗରେ ବକ୍ତବ୍ୟ ରଖି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ ଜୟଶଙ୍କର ଭାରତର ନୀତି ଓ ଆଭିମୁଖ୍ୟକୁ ସ୍ପଷ୍ଟ କରିଛନ୍ତି । ଏହି ଲେଖାରେ ଭାରତର ଏହି ନୀତି ସମ୍ପର୍କରେ ବୁଝିବାକୁ ଚେଷ୍ଟା କରିବା । ବୈଦେଶିକ ମନ୍ତ୍ରୀ ସଂସଦରେ ଦେଇଥିବା ବକ୍ତବ୍ୟକୁ ଯଦି ଭଲ ଭାବେ ଅନୁଶୀଳନ କରିବା ତେବେ ଦେଖିବା ଯେ ଭାରତ ମୋଟ ଉପରେ ଚାରୋଟି ମୁଖ୍ୟ ସିଦ୍ଧାନ୍ତକୁ ନେଇ ତାର ତାର ଆଭିମୁଖ୍ୟକୁ ସାମନାକୁ ଆଣିଛି । ଏଥିରେ ସର୍ବପ୍ରଥମ ହେଲା ଯେ ଏହି ଯୁଦ୍ଧଗ୍ରସ୍ତ ଉପସାଗରୀୟ ଅଂଚଳରେ ଥିବା ଦେଶ ମାନଙ୍କରେ ରହୁଥିବା ପ୍ରବାସୀ ଭାରତୀୟ ମାନଙ୍କର ସୁରକ୍ଷା । ଯେପରିକି ସମସ୍ତେ ଜାଣନ୍ତି ଏହି ଦେଶ ମାନଙ୍କରେ ଖୁବ ଅଧିକ ସଂଖ୍ୟାରେ ଭାରତୀୟ ନାଗରିକ ମାନେ କାମ କରିଥାନ୍ତି । ତେଣୁ ଏହି ଭାରତୀୟ ନାଗରିକ ମାନଙ୍କର ସୁରକ୍ଷା ଭାରତ ପ୍ରତିବଦ୍ଧ । ସେମାନଙ୍କ ସୁରକ୍ଷା ସହ ଯଦି ସେମାନଙ୍କୁ ସ୍ୱଦେଶ ଫେରାଇ ଆଣିବାକୁ ଆବଶ୍ୟକତା ଆସେ ତେବେ ସେମାନଙ୍କୁ ଦେଶକୁ ଫେରାଇ ଆଣିବା ଉପରେ ଭାରତର ଧ୍ୟାନ ରହିବ । ଦ୍ୱିତୀୟ କଥା ହେଲା ଯେ ଏହି ଉପସାଗରୀୟ ଦେଶ ମାନଙ୍କରେ ଅନେକ ଭାରତୀୟ ନାଗରିକ କାମ କରୁଥିବା କାରଣରୁ ଭାରତକୁ ଏହି ଅଂଚଳରୁ ଆମ ଦେଶକୁ ବିଦେଶୀ ଅର୍ଥ (ଫରେନ ରେମିଟେନ୍ସ) ହାସଲ ହୋଇଥାଏ । ଏହି ଅର୍ଥ ଭାରତର ଅର୍ଥନୈତିକ ପ୍ରଗତି କାର୍ଯ୍ୟରେ ବ୍ୟବହୃତ ହୋଇଥାଏ ଓ ଆର୍ଥିକ ବିକାଶ କ୍ଷେତ୍ରରେ ଏହି ବିଦେଶରୁ ଆସୁଥିବା ଅର୍ଥ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ତେଣୁ ବର୍ତମାନ ସମୟରେ ଆମ ପାଇଁ ସବୁଠାରୁ ବଡ ପ୍ରାଥମିକତା ହେଲା ଯେ ଏହି ଫରେନ ରେମିଟେନ୍ସ ଦୀର୍ଘ କାଳୀନ ସ୍ଥିତିରେ କିପରି ଅବାଧ ଭାବେ ଜାରୀ ରହିବ ଓ ଆମ ଦେଶର ବିକାଶ କାହାଣୀରେ ଏହାର ଯୋଗଦାନ କିପରି ଚାଲୁ ରହିବ ତାହା ସୁନିଶ୍ଚିତ କରିବା । ତୃତୀୟ ସବୁଠାରୁ ବଡ କଥା ହେଲା ଯେ ଭାରତ ଚାହେଁ ଯେ ଆମ ଦେଶର ଶକ୍ତି ଚାହିଦାକୁ ମେଂଟାଇବାକୁ ଆମଦାନୀ ହେଉଥିବା ପେଟ୍ରୋଲିୟମ ଉତ୍ପାଦ ଓ ଗ୍ୟାସର ଯୋଗାଣକୁ କୌଣସି ପରିସ୍ଥିତିରେ ବାଧିତ ହେବାକୁ ଦିଆଯିବ ନାହିଁ । ପେଟ୍ରୋଲିୟମ ଉତ୍ପାଦ ଓ ଗ୍ୟାସ ପାଇଁ ବର୍ତମାନ ସମୟରେ ଭାରତ ପଶ୍ଚିମ ଏସିଆର ଅନେକ ଦେଶ ସହ କଥାବାର୍ତା କରି ସେମାନଙ୍କ ଠାରୁ ନିଜର ଏହି ଶକ୍ତି ଚାହିଦା ମେଂଟାଇବା ପାଇଁ ଆବଶ୍ୟକୀୟ ତୈଳ ଓ ଗ୍ୟାସ ଆମଦାନୀ କରିଥାଏ । ଭାରତ ଏବେ ମଧ୍ୟ ତାର ଘରୋଇ ଶକ୍ତି ଚାହିଦା ମେଂଟାଇବା ପାଇଁ ବାହାର ଦେଶ ମାନଙ୍କ ଉପରେ ନିର୍ଭରଶୀଳ । ତେଣୁ ଏହି ଉପସାଗରୀୟ ଅଂଚଳ ଭାରତ ପାଇଁ ଶକ୍ତି ଚାହିଦା ମେଂଟାଇବା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ଏଭଳି ସ୍ଥିତିରେ ଦେଶର ଶକ୍ତି ଚାହିଦାକୁ ପୂରଣ କରିବା ଓ ଯୋଗାଣ କିପରି ବାଧିତ ନ ହେବ ତାହା ସୁନିଶ୍ଚିତ କରିବା ଭାରତର ରଣନୀତିର ଏକ ପ୍ରମୁଖ ଲକ୍ଷ୍ୟ । ଭାରତର ରଣନୀତିର ଚତୁର୍ଥ ସିଦ୍ଧାନ୍ତ ହେଲା ଯେ, ଭାରତ ଏବେ ସୁଦ୍ଧା ଏହି ଉପସାଗରୀୟ ଅଂଚଳର ସୁନ୍ନି ଦେଶ, ଇରାନ ଏବଂ ଇସ୍ରାଏଲ ମଧ୍ୟରେ ସନ୍ତୁଳନ ସ୍ଥାପିତ କରି ଆସୁଛି । ଏହି ସନ୍ତୁଳନର ଅର୍ଥ ହେଲା ଯେ ଭାରତର ସମ୍ପର୍କ ସୁନ୍ନୀ ମୁସଲମାନ ଦେଶ ମାନଙ୍କ ସହିତ ଖୁବ ଭଲ ରହିଛି । ଏହି ସୁନ୍ନୀ ମୁସଲମାନ ଦେଶ ମାନଙ୍କରୁ ଭାରତ ତାର ଶକ୍ତି ଚାହିଦାକୁ ପୂରଣ କରିଥାଏ । ସେହିପରି ଇସ୍ରାଏଲ ସହିତ ଭାରତର ସମ୍ପର୍କ ଅତ୍ୟନ୍ତ ଭଲ ରହିଛି । ପ୍ରତିରକ୍ଷା ଓ କୃଷି ସହଯୋଗ କ୍ଷେତ୍ରରେ ଇସ୍ରାଏଲ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେହିପରି ଇରାନର ଚାବାହାର ବନ୍ଦର ବ୍ୟବହାର କରି ରଣନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆଫଗାନିସ୍ତାନ କୁ ପହଂଚିବାରେ ସାହାଯ୍ୟ କରିବା ସହ ସେଂଟ୍ରାଲ ଏସିଆ ପହଂଚିବା ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ । ଏହି କାରଣରୁ ଏହି ଯୁଦ୍ଧ ପ୍ରସଙ୍ଗରେ ଭାରତ କୌଣସି ପକ୍ଷର ସମର୍ଥନରେ କିମ୍ବା କୌଣସି ପକ୍ଷର ବିରୋଧରେ ଠିଆ ହୋଇଥିବା ଭଳି ବକ୍ତବ୍ୟ ପ୍ରଦାନ କରି ନାହିଁ । ସରଳ କୂଟନୈତିକ ଭାଷାରେ ରଣନୈତିକ ନୀରବତା ('ଷ୍ଟ୍ରାଟେଜିକ ସାଇଲେନ୍ସ' ) ବୋଲି କୁହାଯାଇ ଥାଏ । ଏଠାରେ ସ୍ପଷ୍ଟ କରିଦେବା ଉଚିତ ହେବ ଯେ 'ଷ୍ଟ୍ରାଟେଜିକ ସାଇଲେନ୍ସ' ର ଅର୍ଥ ଇନାଇକ୍ଟିଭିଟି ନୁହେଁ । 'ଷ୍ଟ୍ରାଟେଜିକ ସାଇଲେନ୍ସ' କୁ ଏଠାରେ ଏଇଥି ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଇଥାଏ, ଯେତେବେଳେ ଏଭଳି ପରିସ୍ଥିତିରେ କୌଣସି ଦେଶର ଜାତୀୟ ସ୍ୱାର୍ଥ ସର୍ବାଧିକ ଗୁରୁତ୍ୱ ବହନ କରେ । ସେହି ପରିସ୍ଥିତିରେ କୌଣସି ଦେଶର ଲକ୍ଷ୍ୟ ଏଭଳି ହେବା ଉଚିତ ଯେ ଉକ୍ତ ଦେଶ ସାର୍ବଜନୀନ ଭାବେ କୌଣସି ଗୋଟିଏ ଦେଶ ବା ପକ୍ଷର ସମର୍ଥନରେ ବାହାରିବା ଉଚିତ ନୁହେଁ । ଯଦି କୌଣସି ଦେଶ ଏଭଳି ସ୍ଥିତିରେ ଗୋଟିଏ ପକ୍ଷ କିମ୍ବା ଦେଶ ସମର୍ଥନରେ ବାହାରିଥାଏ ତେବେ ଦୀର୍ଘକାଳୀନ ସ୍ଥିତିରେ ତାକୁ ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା ରହିଥାଏ । ଏପରି କରିବା ଦ୍ୱାରା ଉକ୍ତ ଦେଶର ବିଦେଶ ନୀତି ପରିଚାଳନା ବେଳେ ମେନୁଭେରେବିଲିଟୀ ହ୍ରାସ ପାଇଥାଏ । ତେଣୁ ଆଜିର ତାରିଖରେ ଭାରତ ଦୀର୍ଘ କାଳୀନ ଭିତିରେ ଷ୍ଟ୍ରାଟେଜିକ ମେନୁଭେରେବିଲିଟୀ ଚାହୁଁଛି ଓ ଏହି ଦୃଷ୍ଟିକୋଣ ନେଇ କାର୍ଯ କରୁଛି । ସରଳ ଭାବେ ଯଦି ଆମେ ବୁଝିବାକୁ ଚେଷ୍ଟା କରିବା ତେବେ ଭାରତ ଏହି ଯୁଦ୍ଧ ପରିସ୍ଥିତିରେ ଯେଉଁ ରଣନୀତି ବା ଆଭିମୁଖ୍ୟ ଆପଣାଇଛି ଯାହା ଦ୍ୱାରା ଦୀର୍ଘକାଳୀନ ଭିତିରେ ଭାରତ ନିକଟରେ ମେନୁଭେରେବିଲଟି ତିଆରି ହେବ । ଯଦି ଭାରତ ଆଜି ତାରିଖରେ ଇସ୍ରାଏଲ କିମ୍ବା ଆମେରିକାକୁ ନିନ୍ଦା କରି ନାହିଁ କିମ୍ବା ଇରାନକୁ କୌଣସି ପ୍ରକାରରେ ଗୁପ୍ତ ଭାବରେ ହେଲେ ମଧ୍ୟ ସହଯୋଗ କରି ନାହିଁ ତେବେ ଭାରତ ଏକ ସ୍ଥାନ ତିଆରି କରି ପାରିବ । ଯଦି ପରେ କୌଣସି ପରିସ୍ଥିତିରେ ଏହି ଯୁଦ୍ଧକୁ ସମାପ୍ତ କରିବାକୁ ମଧ୍ୟସ୍ଥତାର ଆବଶ୍ୟକତା ପଡିବ ତେବେ ଭାରତ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇ ପାରେ । ଐତିହାସିକ ଦୃଷ୍ଟିରୁ ଏପରି ଅନେକ ଉଦାହରଣ ରହିଛି । ତେଣୁ ଏଠାରେ ମେନୁଭେରେବିଲିଟି ବଢାଇବାକୁ ଧ୍ୟାନରେ ରଖି ଭାରତ ଦୀର୍ଘ କାଳୀନ ଭିତିରେ ଏକ ସ୍ଥାନ ତିଆରି କରିବାକୁ ପ୍ରୟାସ କରିଛି । ଏହି ସମ୍ପୂର୍ଣ୍ଣ ମାମଲାରେ ଭାରତ ଯେଉଁ ରଣନୀତି ଆପଣାଇଛି ସେଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଛି ଯେ ଭାରତ ତାର ବୈଦେଶିକ ନୀତିରେ 'ବୈଚାରିକ ଲିନିଂ' କୁ ସମ୍ପୂର୍ଣ୍ଣ ଭାବେ ହଟାଇ ଦେଇଛି । 'ବୈଚାରିକ ଲିନିଂ'ଅର୍ଥ ହେଉଛି କୌଣସି ପୂର୍ବ ନିର୍ଧାରିତ ଲେନ୍ସରୁ ଦେଖି ବିଦେଶ ନୀତି ସ୍ଥିର କରିବା । ଭାରତ ସ୍ପଷ୍ଟ କରି ଦେଇଛି ଭାରତର ବିଦେଶ ନୀତି 'ବୈଚାରିକ ଲିନିଂ'ଆଧାରରେ ନୁହେଁ ବରଂ ବ୍ୟବହାରିକତା ଆଧାରରେ ହେବ । ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ଯଦି ଆମେ ଦେଖିବା ତେବେ ପାଇବା ଯେ ଏହି ମାମଲାରେ ଭାରତ ତାର 'ଷ୍ଟ୍ରାଟେଜିକ ଅଟନୋମୀ'କୁ ବଜାୟ ରଖିଛି । ଭାରତ କାହା ଚାପରେ ନ ଆସି ନିଜ ଦେଶର ସ୍ୱାର୍ଥକୁ ସର୍ବୋପରି ମନେ କରି ତାର ଆଭିମୁଖ୍ୟ ସ୍ଥିର କରିଛି । ଭାରତର ଜାତୀୟ ସ୍ୱାର୍ଥ ଯେପରିକି ପ୍ରବାସୀ ଭାରତୀୟଙ୍କ ସୁରକ୍ଷା, ଦେଶବାସୀଙ୍କର ତୈଳ ଓ ଗ୍ୟାସ ଚାହିଦା ପୂରଣ କରିବା, ବିଦେଶୀ ରେମିଟେନ୍ସ ତଥା ସୁନ୍ନୀ ଦେଶ, ଇସ୍ରାଏଲ ଓ ଇରାନ ସହ ସନ୍ତୁଳନ ସ୍ଥାପିତ କରିବା ଆଧାରରେ ଭାରତ ତାର ଆଭିମୁଖ୍ୟ ସ୍ଥିର କରିଛି । ତେଣୁ ଇରାନ ଯୁଦ୍ଧ ସମୟରେ ଭାରତ ''ଷ୍ଟ୍ରାଟେଜିକ ସାଇଲେନ୍ସ' ସହିତ 'ଷ୍ଟ୍ରାଟେଜିକ ଅଟୋନମୀ' ତଥା ବିଭିନ୍ନ ଦେଶ ସହ ସମ୍ପର୍କ ରକ୍ଷା କରିବାର ନୀତି ଆପଣାଇଛି । ଆଗାମୀ ଦିନରେ ଯେବେ ଏହି ଯୁଦ୍ଧ ସମାପ୍ତ ହେବ ଓ ପୁନର୍ନିର୍ମାଣର କଥା ଆସିବ ସେତେବେଳେ ଭାରତ ଏକ ବିଶ୍ୱସନୀୟ ଦେଶ ଭାବେ ଏହି କାର୍ଯ୍ୟରେ ମଧ୍ୟ ଯୋଗ ଦେଇ ପାରିବ । ତେଣୁ ମୋଟ ଉପରେ କହିବାକୁ ଗଲେ ଭାରତ ଭାରତ ଓ ଭାରତବାସୀଙ୍କ ସ୍ୱାର୍ଥକୁ କେନ୍ଦ୍ରରେ ରଖିଏକ ଏଭଳି ଆଭିମୁଖ୍ୟ ଗ୍ରହଣ କରିଛି ଯାହାର ପ୍ରଭାବ ସୁଦୂରପ୍ରସାରୀ ହେବ ।











# ନିଆରା ରାଜନେତା ନାରାୟଣ ସାହୁ : ଏକ ଶ୍ରଦ୍ଧାଞ୍ଜଳି

◆ ଡକ୍ଟର ନାରାୟଣ ମହାନ୍ତି




ଦର୍ଶନଶାସ୍ତ୍ର ଅଧ୍ୟୟନ କରିସାରି ରାଜନୀତି କ୍ଷେତ୍ରରେ ପ୍ରବେଶ କରିବାରେ କୌଣସି ନୂତନତ୍ୱ ନାହିଁ । ମାତ୍ର ରାଜନୀତି କରିସାରି ଦର୍ଶନ ଜଗତରେ ପ୍ରବେଶ କରିବା ଏକ ବିରଳ ଘଟଣା ନିଶ୍ଚୟ । ପୂର୍ବତନ ବିଧାୟକ ତଥା ସାଂସଦ ସ୍ୱର୍ଗତ ନାରାୟଣ ସାହୁ (୧୯୩୮-୨୦୨୬) ଏହି ବିରଳ ଘଟଣାର ଅଧିକାରୀ ହୋଇପାରିଥିଲେ । ସ୍ୱର୍ଗତ ସାହୁ ୧୯୩୮ ମାର୍ଚ୍ଚ ୩୧ରେ ଢେଙ୍କାନାଳ ଜିଲ୍ଲାର ପର୍ଜଙ୍ଗଠାରେ ଜନ୍ମଗ୍ରହଣ କରିଥିଲେ । ସେ ୧୯୫୬ରେ କାମାକ୍ଷାନଗରସ୍ଥିତ ଏବର ସାରଙ୍ଗଧର ହାଇସ୍କୁଲରୁ ମାଟ୍ରିକ, ୧୯୫୯ରେ ଢେଙ୍କାନାଳ କଲେଜରୁ ପ୍ରାକ୍-ବିଶ୍ୱବିଦ୍ୟାଳୟ (କଳା) ଓ ୧୯୬୧ରେ ରେଭେନ୍ସା କଲେଜରୁ ପ୍ରଥମ ବର୍ଷ ଡିଗ୍ରୀ (କଳା) ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିଲେ । ସେ ରେଭେନ୍ସା କଲେଜରେ ଅର୍ଥନୀତି (ଅନର୍ସ) ଓ ଦର୍ଶନ (ପାସ୍) ନେଇ ବି.ଏ. ପଢ଼ିଥିଲେ ଏବଂ ୧୯୬୩ରେ ବି.ଏ. ପାସ କରିଥିଲେ । ସେ ୧୯୬୬ରେ ଅନୁଗୁଳସ୍ଥିତ ଏବର ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା କଲେଜରୁ ବି.ଇଡି. ଶିକ୍ଷା ସମାପ୍ତ କରିଥିଲେ । ସ୍ୱର୍ଗତ ସାହୁ ୧୯୬୬ରୁ ୧୯୭୧ ମଧ୍ୟରେ ଜନପ୍ରଭା ହାଇସ୍କୁଲ, ମହାବିରୋଡ଼, ସାନ୍ଧା ହାଇସ୍କୁଲ, ସାନ୍ଧା ଓ ଯୋରନ୍ଦା ହାଇସ୍କୁଲ, ଯୋରନ୍ଦାରେ ଅବୈତନିକ ପ୍ରଧାନଶିକ୍ଷକ ରୂପେ କାର୍ଯ୍ୟ ତୁଲାଇଥିଲେ । ଅଷ୍ଟଶମ୍ଭୁ ବିଦ୍ୟାନିକେତନ, କୁଆଲୋ ଓ ପର୍ଜଙ୍ଗ ମହାବିଦ୍ୟାଳୟ, ପର୍ଜଙ୍ଗର ପ୍ରତିଷ୍ଠା ଦିଗରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ମୋଟ ଉପରେ, ଶିକ୍ଷା ଦୃଷ୍ଟିରୁ ଅନଗ୍ରସର ତାଙ୍କ ଅଂଚଳରେ ଶିକ୍ଷାର ବିକାଶ ତାଙ୍କର ଝୁଙ୍କ ଥିଲା । ସ୍ୱର୍ଗତ ନାରାୟଣ ସାହୁ ଓଡ଼ିଶା ବିଧାନସଭା ନିମନ୍ତେ ୧୯୭୧ରେ ଅନୁଷ୍ଠିତ ନିର୍ବାଚନରେ ଜିଣି ପଂଚମ ବିଧାନସଭାର ସଦସ୍ୟ ହୋଇଥିଲେ । ସେ ପାଲଲହଡ଼ା ନିର୍ବାଚନମଣ୍ଡଳୀରୁ କଂଗ୍ରେସ ଟିକଟରେ ଲଢ଼ି ବିଜୟଲାଭ କରିଥିଲେ । ସ୍ୱର୍ଗତ ସାହୁ ପୁଣି ୧୯୭୪ରେ ଅନୁଷ୍ଠିତ ମଧ୍ୟବର୍ତୀକାଳୀନ ନିର୍ବାଚନରେ ଜିତି ଦ୍ୱିତୀୟଥର ପାଇଁ ବିଧାନସଭାର ସଦସ୍ୟ ହୋଇଥିଲେ । ଏଥର ତାଙ୍କର ନିର୍ବାଚନମଣ୍ଡଳୀ ଓ ଦଳ ଅପରିବର୍ତିତ ରହିଥିଲା । ୧୯୮୦ରେ ଅନୁଷ୍ଠିତ ସପ୍ତମ ଲୋକସଭା ନିର୍ବାଚନରେ ଲଢ଼ି ସେ ଏମ୍.ପି. ହୋଇଥିଲେ । ଦେବଗଡ଼ ଲୋକସଭା ଆସନରୁ ସେ କଂଗ୍ରେସ (ଇ) ଟିକଟରେ ବିଜୟଲାଭ କରିଥିଲେ । ଦୁଇଥର ଏମ୍.ଏଲ୍.ଏ. ଓ ଥରେ ଏମ୍.ପି. ହୋଇଥିବା ସ୍ୱର୍ଗତ ସାହୁଙ୍କର ପରବର୍ତୀ ଠିକଣା କିନ୍ତୁ ହେଲା : ରୁମ୍ ନମ୍ବର -୨୪, ନୀଳକଣ୍ଠ ଛାତ୍ରାବାସ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୪ । କାରଣ ସେ ପିଏଚ୍.ଡି. ରିସର୍ଚ୍ଚ ସ୍କଲାର ଭାବରେ ଏଠାରେ ଅବସ୍ଥାନ କଲେ । ରାଜନୀତି ମଇଦାନରୁ ବିଦାୟ ନେଇ ସ୍ୱର୍ଗତ ସାହୁ ଦର୍ଶନ ରାଜ୍ୟରେ ପ୍ରବେଶ କରିଥିଲେ । ବି.ଏ. ପାସ କରିବାର ୪୬ ବର୍ଷ ପରେ ୨୦୦୯ରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତର ଦର୍ଶନ ବିଭାଗରେ ନାମ ଲେଖାଇଥିଲେ । ୨୦୧୧ରେ ସେ କୃତିତ୍ୱର ସହ ଏମ୍.ଏ. ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିଲେ । ସ୍ୱର୍ଗତ ସାହୁ ଉତ୍କଳ ବିଶ୍ୱବିଦ୍ୟାଳୟରୁ ୨୦୧୨ରେ ଏମ୍.ଫିଲ୍. ଡିଗ୍ରୀ ଲାଭ କରିଥିଲେ । ତା'ପରେ ସେ ସେଠାରେ ପିଏଚ୍.ଡି. ଉପାଧି ପାଇଁ ଗବେଷଣା କରିବାକୁ ନାମ ପଞ୍ଜୀକରଣ କରାଇଥିଲେ । ପ୍ରଫେସର ସୁବାସ ଚନ୍ଦ୍ର ଦାଶ (ସଂସ୍କୃତ) ଓ ପ୍ରଫେସର ଅଳକାନନ୍ଦା ପରିଡ଼ା (ଦର୍ଶନ)ଙ୍କ ମିଳିତ ତତ୍ତ୍ୱାବଧାନରେ ସେ 'ଫିଲୋସଫି ଅଫ୍ ଶ୍ରୀମଦ୍‌ଭାଗବତ ଅଫ୍ ଜଗନ୍ନାଥ ଦାସ – କନ୍‌ସେପ୍‌ଚୁଆଲ ଏକ୍‌ସପ୍ଲୋରେସନ୍' ଶୀର୍ଷକ ସନ୍ଦର୍ଭ ପ୍ରସ୍ତୁତ କରୁଥିଲେ । ମାତ୍ର ତାହା ଅସମ୍ପୂର୍ଣ୍ଣ ରହିଗଲା । ସ୍ୱର୍ଗତ ସାହୁ ଜଣେ ସଚ୍ଚୋଟ ବ୍ୟକ୍ତି ହୋଇଥିବାରୁ ଅର୍ଥ ପ୍ରତି ତାଙ୍କର ମୋହ ନଥିଲା । ସେ ରାଜଧାନୀରେ ଭବ୍ୟପ୍ରାସାଦ ନିର୍ମାଣ କରିନଥିଲେ କିମ୍ବା ପୁଅଝିଅଙ୍କୁ ରାଜନୀତି କ୍ଷେତ୍ରକୁ ଟାଣିନଥିଲେ । ଦର୍ଶନକୁ ସେ ନିଜର ଜୀବନ ପଦ୍ଧତି ଭାବରେ ଗ୍ରହଣ କରିଥିଲେ । ତାଙ୍କର ଆତ୍ମଚରିତ 'ସମର୍ପିତ ଆତ୍ମାର ଜୀବନ ରସାମୃତ' ୨୦୨୦ରେ ପ୍ରକାଶ ପାଇଅଛି । ଶେଷରେ ସ୍ୱର୍ଗତ ସାହୁ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସର ଛାଡ଼ି ନିଜ ଅଂଚଳ ପର୍ଜଙ୍ଗକୁ ଫେରିଯାଇଥିଲେ । ଗତ ମାର୍ଚ୍ଚ ୨୭ରେ ସେଠାରେ ତାଙ୍କର ପରଲୋକ ଘଟିଥିଲା । ଆଜିର ରାଜନେତାମାନଙ୍କ ପାଇଁ ସେ ଚିରଦିନ ଲାଗି ଆଦର୍ଶ ହୋଇ ରହିଗଲେ । ତାଙ୍କ ମହାନ୍ ଆତ୍ମାର ସଦ୍‌ଗତି ହେଉ – ଈଶ୍ୱରଙ୍କ ପାଖେ ଏତିକି ପ୍ରାର୍ଥନା କରୁଅଛି ।

*ପ୍ରାଧାପକ, ଦର୍ଶନ ବିଭାଗ (ଅବସରପ୍ରାପ୍ତ), ଜେକେବିକେ ସରକାରୀ କଲେଜ, କଟକ-୭୫୩୦୦୩*

# ଓଡ଼ିଆପକ୍ଷ ପାଳନ ଅବସରରେ ଜଳେଶ୍ୱର ପୌରପରିଷଦ ଏବଂ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ପକ୍ଷରୁ ଓଡ଼ିଆ ନାମଫଳକ ଅଭିଯାନ



ଜଳେଶ୍ୱର : ସକାଳ ୧୦ ଘଟିକା ସମୟରେ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ଓ ଜଳେଶ୍ୱର ପୌରପରିଷଦ ପକ୍ଷରୁ ଓଡ଼ିଆରେ ନାମ ଫଳକ ଲେଖାଇବା ପାଇଁ ପୌରପରିଷଦ ସମ୍ମିଳନୀ କକ୍ଷରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖାର ସଭାପତି କମଳ ଚକ୍ରବର୍ତୀ ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟ ଅତିଥି ଭାବରେ ଜଳେଶ୍ୱରର ମାନ୍ୟବର ବିଧାୟକ ତଥା ଓଡ଼ିଶା ସରକାରଙ୍କର ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର ଯୋଗ ଦେଇ ଓଡ଼ିଆ ଭାଷାରେ ସମସ୍ତ କାର୍ଯ୍ୟାଳୟ ଏବଂ ବାଣିଜ୍ୟକ ପ୍ରତିଷ୍ଠାନର ଷାଠିଏ ଭାଗ ଓଡ଼ିଆରେ ଲେଖିବା ପାଇଁ ନିର୍ଦ୍ଦେଶନାମା ଥିଲେ ମଧ୍ୟ ଏହାର ବ୍ୟତିକ୍ରମ ଘଟାଉଥିବା ଅନୁଷ୍ଠାନ ଏବଂ ବ୍ୟକ୍ତି ବିଶେଷଙ୍କୁ ସଚେତନ କରାଇବା ପାଇଁ ଉତ୍କଳ ସମ୍ମିଳନୀର ପ୍ରୟାସକୁ ପ୍ରଶଂସା କରିଥିଲେ । ମୁଖ୍ୟ ବକ୍ତା ଭାବରେ ଜଳେଶ୍ୱର ପୌରପରିଷଦର ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ ଯୋଗଦେଇ ଉତ୍କଳ ସମ୍ମିଳନୀ ସହିତ ପୌରପରିଷଦ ଏବଂ ସମସ୍ତ ସାମାଜିକ ଅନୁଷ୍ଠାନ ଓଡ଼ିଆ ଭାଷା ସଂସ୍କୃତିକୁ ରକ୍ଷା କରିବା ପାଇଁ ବିଶେଷ କରି ନିଜ ନିଜର ପିଲାମାନଙ୍କୁ ଓଡ଼ିଆ ମାଧ୍ୟମିକ ବିଦ୍ୟାଳୟରେ ପାଠ ପଢ଼ିବାକୁ ନିବେଦନ କରିଥିଲେ । ଜଳେଶ୍ୱର ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ ସରକାରଙ୍କ ଯୋଜନାର ଆଭିମୁଖ୍ୟ ଏବଂ ଏହାର ଖିଲାପ କାରୀଙ୍କୁ ଦଣ୍ଡ ବିଧାନର ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରାଇଥିଲେ । ଜଳେଶ୍ୱର ଶାଖାର ସମ୍ପାଦକ ସୁନୀଲ କୁମାର ନାୟକ ଓଡ଼ିଆ ପକ୍ଷ ପାଳନ ଏବଂ ଉତ୍କଳ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ ମଂଚ ଆହ୍ୱାନ କରିଥିଲା ବେଳେ ଉପସଭାପତି ଡ଼ଃ ଅଜିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉପସଭାପତି ଅଶୋକ କୁମାର ଦାସ, ସହ ସମ୍ପାଦକ ହେମନ୍ତ ଗିରି, କୋଷାଧ୍ୟକ୍ଷ ରବିନ୍ଦ୍ର ବାରିକ, ବରିଷ୍ଠ ସଦସ୍ୟ ବନମାଳୀ ଧଳ, ପ୍ରାଣକୃଷ୍ଣ ଗିରି, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଜଗଦୀଶ ନନ୍ଦୀ, ସୁକୁମାର ରଣା, ସୁଶାନ୍ତ ପ୍ରଧାନ, ଘନଶ୍ୟାମ ଗିରି, ଶିବ ନାରାୟଣ ମହାପାତ୍ର, ଆନନ୍ଦ କର, ଜ୍ଞାନେନ୍ଦ୍ର ଜେନା, ରାଜେଶ ଦେ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସକାଳୁ ଡ଼ାକବାଜି ଯନ୍ତ୍ରରେ ଜଳେଶ୍ୱର ସହର ମଧ୍ୟରେ ଓଡ଼ିଆରେ ନାମଫଳକ ଲେଖିବା ପାଇଁ ସଚେତନତା କରାଯାଇଥିଲା । ମୁଖ୍ୟ ଅତିଥିଙ୍କୁ ଜଳେଶ୍ୱର ସୀମାନ୍ତବର୍ତୀ ସୀମାନ୍ତ ହସ୍ପିଟାଲ ଠାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ଏକ ପ୍ରତିମୂର୍ତି ସ୍ଥାପନ କରିବା ପାଇଁ ମୁଖ୍ୟ ଅତିଥିଙ୍କୁ ଅନୁରୋଧ କରାଯାଇଥିଲା ।

# ମିଳନ ମହୋତ୍ସବ -୨୦୨୬ ର ଚତୁର୍ଥ ସନ୍ଧ୍ୟା

## ✦'ମହୋତ୍ସବ ବିକାଶର କଥା କହେ'

ଜଳେଶ୍ୱର : (ନି ପ୍ର )/ ଶନିବାର ସନ୍ଧ୍ୟା ୬ ଘଟିକା ରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଲକ୍ଷ୍ମଣ ନାଥ ଗ୍ରାମ ପଂଚାୟତ ବିରିଶପୁର ସ୍କୁଲ ପଡିଆଠାରେ ମିଳନ ମହୋତ୍ସବ -୨୦୨୬ ର ଚତୁର୍ଥ ବର୍ଷ ର ଚତୁର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇ ଯାଇଅଛି । ଉକ୍ତ ସାଂସ୍କୃତିକ ସଭାରେ ପୌ ।ରହିତ୍ୱ କରିଥିଲେ ପୂର୍ବତନ ଆଦର୍ଶ ପ୍ରଧାନ ଶିକ୍ଷକ ତଥା ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହ ର ଚେୟାରମେନ ଅଧକ୍ଷ ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି ବକ୍ତବ୍ୟରେ କହିଥିଲେ ମହୋତ୍ସବ ସମ୍ପର୍କ ଯୋଡି ବିକାଶ ର କଥା କହେ ଲକ୍ଷ୍ମଣନାଥ ପଂଚାୟତ ଅଧୀନସ୍ଥ ବିରିଶପୁର ଗ୍ରାମ ତଥା ଜଳେଶ୍ୱର ବ୍ଲକ ତଥା ଆଖପାଖ ଅଂଚଳର ଲୋକମାନେ ବିଶେଷ ଭାବରେ କୃଷି ଉପରେ ନିର୍ଭର କରିଥାନ୍ତି ।କୃଷି ର ଉନ୍ନତି ପାଇଁ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା । ଜଳେଶ୍ୱର କୁ ସବଡିଭିଜନ, ଜଳେଶ୍ୱର କୁ ଜିଲ୍ଲା,ଜି କେ ଭଟର ହସ୍ପିଟାଲରେ ଟ୍ରମା ସେଂଟର ପ୍ରତିଷ୍ଠା ପ୍ରଭୃତି ବିକାଶ ମୂଳକ ପ୍ରସ୍ତାବ ରଖିଥିଲେ । ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ଓ ଏବର ବିଧାୟକ ଅଶ୍ୱିନୀ କୁମାର ପାତ୍ର ବକ୍ତବ୍ୟରେ କହିଥିଲେ ମିଳନ ମହୋତ୍ସବ ୪ ବର୍ଷ ପଦାର୍ପଣ କରି ୪୦୦ ବର୍ଷ ତିଷ୍ଠି ରହିବ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବରେ ପ୍ରଫେସର ଡଃ ଲେଖାଶ୍ରୀ ସାମନ୍ତସିଂହାର ବକ୍ତବ୍ୟରେ କହିଥିଲେ ମିଳନ ମହୋତ୍ସବ ର ପ୍ରତିଦିନ ଏକ ଡକୁମେଂଟ କରିବା ପାଇଁ କହିଥିଲେ । ପିଲା ଠାରୁ ଆରମ୍ଭ କରି ଯୁବକ, ଯୁବତୀ ଆଜି ଅପସଂସ୍କୃତି ର କବଳିତ ହୋଇଯାଉଛନ୍ତି ମୋବାଇଲ ପାଇଁ ନିଶାସକ୍ତ ଭଳି ହୋଇ ଯାଉଛନ୍ତି ବୋଲି କହିଥିଲେ ।ସମ୍ମାନୀତ ଅତିଥି ଭାବରେ ସ୍ତମ୍ଭକାର ସୁଦର୍ଶନ ଦାସ ବିକାଶ ର କଥା ସହିତ ଆମ ଲାଇଫ ଲାଇନ ସୁବର୍ଣ୍ଣ ରେଖା ନଦୀ ମୃତ୍ୟୁ ମୁଖରୁ ରକ୍ଷା ପାଇଁ କହିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ରକ୍ତ ଦାତା ସଂଘ ର ସଭାପତି କମଳ ଚକ୍ରବର୍ତୀ ଏଇ ମହୋତ୍ସବ ପଡ଼ିଆରେ ଆଗାମୀ ଅପ୍ରେଲ ୬ ତାରିଖ ଦିବା ୯ ଘଟିକା ଠାରୁ ଦିବା ୨ ଘଟିକା ପର୍ଯ୍ୟନ୍ତ ହେବାକୁ ଥିବା ରକ୍ତ ଦାନ ଶିବିର ରେ ରକ୍ତ ଦାନ ମହା ପୁଣ୍ୟ କାର୍ଯ୍ୟ ରେ ସାମିଲ ହେବାପାଇଁ ନିବେଦନ କରିଥିଲେ ।ମଂଚ ଆମନ୍ତ୍ରଣ ,ବେଦପାଠ ଓ ଅତିଥି ଙ୍କ ପରିଚୟ ପ୍ରଦାନ ନିଜସ୍ୱ କଣ୍ଠ ସଙ୍ଗୀତ ମାଧ୍ୟମରେ କରିଥିଲେ । ମଂଚାସୀନ ସମସ୍ତ ଅତିଥି ଙ୍କୁ ଉପାୟନ ଓ ପୁଷ୍ପ ଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ବ୍ରଜ ଗୋପାଳ ରାଉତ (ହରି ଭାଇ),ସମାଜସେବୀ ଅଶୋକ କୁମାର ଦାସ, ବରିଷ୍ଠ ସାମ୍ବାଦିକ ତଥା ରୋଟାରୀୟାନ ସୁକୁମାର ରଣା,ମିଳନ ମହୋତ୍ସବ କମିଟି ର ପ୍ରତିଷ୍ଠାତା ଜିତେନ୍ଦ୍ର ନାଥ ଦାସ,ଶିବ ପ୍ରସାଦ ଦାସ, ହେମନ୍ତ ଦାସ, ମହୋତ୍ସବ କମିଟି ର ସଭାପତି କାହ୍ନୁ ଚରଣ ଜେନା ବରେଣ୍ୟ ଅତିଥି ଭାବରେ କବି ବସନ୍ତ କୁମାର ଦାସ ନିମନ୍ତ୍ରିତ ଅତିଥି ଭାବରେ ପୂର୍ବତନ ସରପଂଚ ବବିତା ରାଉତ, ଅନ୍ୟତମ ଅତିଥି ଭାବରେ ସମାଜ ସେବିକା ବବିତା ରାଣୀ ଦାସ ଯୋଗଦାନ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ସଦସ୍ୟ ଉତ୍ପଳ ମହାନ୍ତି । ସହଯୋଗ କରିଥିଲେ ସତ୍ୟବ୍ରତ ବାରିକ, ପ୍ରାରମ୍ଭିକ ସ୍ୱାଗତମ୍ ନୃତ୍ୟ ପରିବେଷଣ କରିଥିଲେ ସୁସ୍ମିତା କଟୁଆଳ, ଓ ଖୁସି ରାଉତ ।

# ସ୍ୱଚ୍ଛତା ଅଭିଯାନ ସ୍ୱଚ୍ଛ ଓଡ଼ିଶା ଦିବସ ଓଡ଼ିଆ ପକ୍ଷ ପାଳିତ

ଭଦ୍ରକ : ଭଦ୍ରକ ପଂଚାୟତ ସମିତି କାର୍ଯ୍ୟାଳୟ ପରିସର ଏବଂ ସଖୀ ୱାନ୍ ଷ୍ଟପ୍ କେନ୍ଦ୍ର ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ଦିଲୀପ ରାଉତରାୟ ଯୋଗ ଦେଇ ଐତିହ ସଂସ୍କୃତିକୁ ବଜାୟ ରଖିବା ସହ ପରିବେଶକୁ ସ୍ୱଚ୍ଛତା ରଖିବାକୁ ଲୋକଙ୍କୁ ପରାମର୍ଶ ଦେଇ ଥିଲେ । ଏହି ସ୍ୱଚ୍ଛତା ଅଭିଯାନ ରେ ଜିଲ୍ଲାପାଳ ଙ୍କ ସମେତ ପ୍ରଶାସନିକ ଅଧିକାରୀ , ପଂଚାୟତ ସମିତି କାର୍ଯ୍ୟାଳୟ ର ବିଡ଼ିଓ , ଅଧ୍ୟକ୍ଷା , ସି ଡି ଏମ ଓ , ସରକାରୀ କର୍ମଚାରୀ , ଶିକ୍ଷକ , ଶିକ୍ଷୟତ୍ରୀ , ବରିଷ୍ଠ ନାଗରିକ , ପ୍ରମୁଖ ଯୋଗ ଦେଇ ହାତରେ ଝାଡୁ ଧରି ସ୍ୱଚ୍ଛତା ଅଭିଯାନ ରେ ସାମିଲ ହୋଇ ସରକାରୀ ଦପ୍ତର ହେଉ କିମ୍ବା ବେସରକାରୀ ଅନୁଷ୍ଠାନ ଏପରିକି ଘରେ ବାହାରେ ପରିବେଶକୁ ସଫା ସୂତାର ରଖି ପରିବେଶକୁ ସୁସ୍ଥ ନିର୍ମଳ ରଖିବା ପାଇଁ ସଂକଳ୍ପ ନେବାକୁ ପରାମର୍ଶ ଦେଇଥିଲେ ।

# ଆହ୍ୱାନ ଅନୁଷ୍ଠାନ ପକ୍ଷରୁ ସର୍ବଭାରତୀୟ ନାଟ୍ୟ ମହୋତ୍ସବ ଓ ବାର୍ଷିକ ଉତ୍ସବ






ଯାଜପୁର:ଯାଜପୁରର ଅଗ୍ରଣୀ ସାଂସ୍କୃତିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆହ୍ୱାନ' ପକ୍ଷରୁ ସର୍ବଭାରତୀୟ ନାଟ୍ୟ ମହୋତ୍ସବ ଓ ବାର୍ଷିକ ଉତ୍ସବ ସ୍ଥାନୀୟ ଗୌତମବୁଦ୍ଧ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ଉଦ୍‌ଘାଟକରୂପେ ଯାଜପୁର ସାଂସଦ ଡ଼ଃ ରବିନ୍ଦ୍ର ନାରାୟଣ ବେହେରା ଯୋଗଦେଇ କଳାସଂସ୍କୃତିର ଏହି ଐତିହାସିକ ଯାଜପୁର ସହର ଠାରେ ଏଭଳି ଏକ କାର୍ଯ୍ୟକ୍ରମ କରାଯାଉଥିବାରୁ ଯାଜପୁର ଜନସାଧାରଣ ସମସ୍ତଙ୍କର ସହଯୋଗ ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ । ମୁଖ୍ୟ ଅତିଥିରୂପେ ଯାଜପୁର ଜିଲ୍ଲାପାଳ ଅମ୍ବଲ କୁମାର କର ଯୋଗଦେଇ ସାରାଭାରତ ବର୍ଷରୁ କଳାକାରମାନେ ଆମ ସହରକୁ ଆସୁଥିବାରୁ ସେମାନଙ୍କୁ ଅଭିନନ୍ଦନ ଜଣାଇବା ସହ କଳା ଓ ସଂସ୍କୃତିର ପୀଠସ୍ଥଳୀ ଯାଜପୁରର ମାନ ବହୁଗୁଣିତ ହୋଇଅଛି । ମୁଖ୍ୟବକ୍ତା ରୂପେ ପଣ୍ଡିତ ଭୂପତିଭୂଷଣ ମିଶ୍ର ଯୋଗଦେଇ ଯାଜପୁର ଐତିହ୍ୟ ସଂସ୍କୃତି ଉପରେ ଆଲୋକପାତ କରିଥିଲେ । ଏହି ଉତ୍ସବରେ ବରିଷ୍ଠ ସାମ୍ବାଦିକ ତପନ ମହାରଣ୍ୟ ଶର୍ମା ସଭାପତିତ୍ୱ କରିଥିବା ବେଳେ ଅନୁଷ୍ଠାନର ଉପଦେଷ୍ଟା ପୂର୍ବତନ ସାଂସଦ ଅ□ଳ ଦାସ, ଯାଜପୁର ପୌରାଧକ୍ଷା ରଞ୍ଜୁଲତା ହୋତା ଅନୁଷ୍ଠାନର ବିଭିନ୍ନ ଦିଗଉପରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ସମ୍ପାଦକ ବିଶ୍ୱଜିତ ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସୁବାସ ଚନ୍ଦ୍ର ମହାପାତ୍ର ଅତିଥିପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ବୈତରଣୀ ନଦୀ ପୂଜନ ଓ ଆଳତୀ ସହ ଦ୍ୱିତୀୟ ଦିବସରେ ବ୍ରହ୍ମକୁଣ୍ଡ ପୂଜନ କାର୍ଯ୍ୟକ୍ରମ କରା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡ, ଛତିଶ୍‌ଗଡ଼୍, ପଂଚିମବଂଗ, ବିହାର, ଉତରପ୍ରଦେଶ, ଆସାମ ସମେତ ୧୮ଟି ରାଜ୍ୟରୁ କଳାକାରମାନେ ଯୋଗଦେଇଥିବା ବେଳେ ରାଜ୍ୟର ପ୍ରାୟ ୧୬ଟି ଜିଲ୍ଲାରୁ ଶତାଧିକ କଳାକାର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଥିଲେ । ସର୍ବଶେଷରେ ସମାଜସେବୀ ସନ୍ତୋଷ ନନ୍ଦ ଅନୁଷ୍ଠାନ ସମ୍ପର୍କରେ ଆଲୋଚନା କରିବା ସହ ଆଗନ୍ତୁକ ଅତିଥି ମାନଙ୍କୁ ଧନ୍ୟବାଦ ପ୍ରଦାନ କରି ଥିଲେ । ସର୍ବଶେଷରେ ବିଶ୍ୱଜିତ୍ ସାହୁଙ୍କ ନିର୍ଦ୍ଦେଶନାରେ 'ଆହେ ନୀଳଶୈଳ' ମଂଚସ୍ଥ କରା ଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସୁଭ୍ରଜିତ୍ ସାହୁ, ଇଚ୍ଛାମୟୀ ଧଳ, ଉଷାରାଣୀ ସେନ, ଜଗନ୍ନାଥ ମିଶ୍ର ପ୍ରମୁଖ ସଂଚାଳନ କରିଥିଲେ । ଆଗାମୀ ତିନିଦିନ ଧରି ବିଭିନ୍ନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ କରାଯିବ ।

# ଅସ୍ତଳରେ ସାର୍ବଜନୀନ ମା' ଶୀତଳାଙ୍କ ପୂଜା

## ❋୫ ଦିନ ଧରି ମହାସମାରୋହରେ ପାଳିତ



ଭଦ୍ରକ : ପ୍ରତିବର୍ଷ ପରି ଚଳିତ ବର୍ଷ ଭଦ୍ରକ ସହର ନରିପୁର(ଅସ୍ତଳ) ଗ୍ରାମରେ ସାର୍ବଜନୀନ ମା ଶୀତଳାଙ୍କ ପୂଜା ୫ ଦିନ ଧରି ମହା ସମାରୋହରେ ପାଳିତ ହୋଇଯାଇଛି । ସାଳନ୍ଦୀ ନଦୀ ଶୀତଳା ଘାଟରେ କଳସ ବୁଡାଯାଇ ଜଳ ଅଣାଯିବା ପରେ ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ ଘଟ ପୂଜା ପାଠ, ହୋମ, ପୂଜାର୍ଚ୍ଚନା ନୀତିକାନ୍ତି ହେବା ସହିତ ଭାଗବତ ପାଠ, ପାଲା, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିବା ବେଳେ ମୁଖ୍ୟତଃ ଦେବୀଙ୍କ ଅଷ୍ଟମୀ ଦିନ ଗ୍ରାମର ଶତାଧିକ ମହିଳା ମାନେ ଆସି ବ୍ରତ ଧାରଣ କରି ପୂଜାର୍ଚ୍ଚନା କରିଥିଲେ । ଦେବୀ ଶୀତଳାଙ୍କ ଦୁଇ ପାର୍ଶ୍ୱରେ ସଖୀ ଥିବାବେଳେ ମା'ଙ୍କ ଅଗ୍ରରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ପୂଜା ପାଉ ଥିଲେ । ୧୯୫୨ ମସିହାରୁ ମା ଶୀତଳାଙ୍କୁ ଗ୍ରାମର ମୁରବୀମାନେ ବୁଝାସୁଝା କରି ପାଳନ କରି ଆସୁଥିବା ବେଳେ ଅଦ୍ୟାବଧି ୭୪ ବର୍ଷ ପର୍ଯ୍ୟନ୍ତ ଏହା ମହା ସମାରୋହରେ ପାଳିତ ହୋଇ ଆସୁଛି । ପୂଜା କମିଟିର ସମ୍ପାଦକ ସମାଜସେବୀ ନୃସିଂହ ଚରଣ ପଣ୍ଡା, ପୂର୍ବତନ କାଉନସିଲର ଗଜେନ୍ଦ୍ର ପଣ୍ଡା, କାଉନସିଲର ଗିତାରାଣୀ ଦାସ, ଯୁବ ସମାଜସେବୀ ସୂର୍ଯ୍ୟ କୁମାର ଦାସ, ବିରଂଚି ନାରାୟଣ ପଣ୍ଡା, ମଧୁସୂଦନ ପଣ୍ଡା, ଉମାକାନ୍ତ ପଣ୍ଡା, ଉପେନ୍ଦ୍ର ଦାସ, ନରେନ୍ଦ୍ର ପଣ୍ଡା, ମହେଶ୍ୱର ବାରିକ, ନୀଳକଣ୍ଠ ଦାଶ, ଅନନ୍ତ ଚରଣ ପଣ୍ଡା, ଅଶୋକ ଜେନା, ରାକେଶ ପଣ୍ଡା, ରାଜେଶ ପଣ୍ଡା, ଦୀପୁ ପଣ୍ଡା, ପ୍ରଭାଂଶୁ ଦାଶ, ଲିପୁ ପଣ୍ଡା, କାଳନ୍ଦୀ ଦାଶ, ରଜନୀ ପଣ୍ଡା, ସ୍ୱର୍ଣ୍ଣଲତା ପଣ୍ଡା, କାବେରୀ ପଣ୍ଡା, ସାମ୍ବାଦିକ ଓ ଆଡଭୋକେଟ୍ ଅଶୋକ କୁମାର ନାୟକ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ ।

# ସଶକ୍ତଓଡ଼ିଶା ପକ୍ଷରୁ ନୂତନ ଖବର ଗୃହ ଉଦ୍‌ଘାଟନ ଓ ଆଲୋଚନା



ଭୁବନେଶ୍ୱର : ସାମାଜିକ ଅନୁଷ୍ଠାନ ଓ ୱେଫ ୍ବ ଗଣମାଧ୍ୟମ' ସଶକ୍ତ ଓଡ଼ିଶା' ପକ୍ଷର ସ୍ଥାନୀୟ ନୟାପଲ୍ଲୀ କାର୍ଯ୍ୟାଳୟରେ ନୂତନ ଭାବେ ଖବର ଗୃହ ଉଦ୍‌ଘାଟନ ସହିତ ମହିଳା ମାନଙ୍କ ସଶକ୍ତିକରଣ, ରଣ, ଉତ୍ପାଦନ ପ୍ରମୁଖ ସମ୍ପର୍କରେ ଆଲୋଚନା ହୋଇଯାଇଛି । ଆବାହକ ବିଜୟ କୁମାର ପ୍ରଧାନ, ଉପଦେଷ୍ଟା, କଲ୍ୟାଣ କୁମାରଚାଟାର୍ଜୀ, ମୁଖ୍ୟ ସଂଯୋଜକ ନବ କିଶୋର ପ୍ରଧାନ, ବରିଷ୍ଠ ସମାଜସେବୀ କୁଳମଣି ରାଉତ ଉପସ୍ଥିତ ରହିବା ସହ ସାମ୍ପ୍ରତିକ ସମୟରେଗଣମାଧ୍ୟମ ଓ ସାମାଜିକ ସଙ୍ଗଠନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଓଡ଼ିଶାର ମହିଳା ମାନେ ଆତ୍ମ ନିର୍ଭରଶୀଳ ହେବାସହିତରାଷ୍ଟ୍ରର ପ୍ରଗତିରେକିପରି ଅଧିକରୁ ଅଧିକ ଯୋଗଦାନ କରିପାରିବେ ତାହାଉପରେଗୁରୁତ୍ୱଆରୋପ କରିଥିଲେ । ରାଜ୍ୟ ଓ କେନ୍ଦ୍ରସରକାରଙ୍କ ବିଭିନ୍ନଯୋଜନାର ସଫଳ ରୂପାୟନ ହେବା ଉପରେ ଆଲୋଚନା ହୋଇଥିଲା । ଧନ୍ୟବାଦ ଅର୍ପଣ କରିଥିଲେ ଅନିତା ସ୍ୱାଇଁ ।

# ଓକିଲ ସଂଘର ନବନିର୍ବାଚିତ କର୍ମକର୍ତାଙ୍କୁ ମୋହରୀର ସଂଘ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା



ବାରିପଦା : ବାରିପଦା ମୋହରିର ସଂଘ ତରଫରୁ ଜିଲ୍ଲା ଓକିଲ ସଙ୍ଘ ବାରିପଦାର ନୂତନ ନିର୍ବାଚିତ ପଦାଧିକାରୀ ମାନଙ୍କୁ ମୋହରିର ସଂଘର ସଭାପତି ଚତୁର୍ଭୁଜ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ୱାଗତ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଥିଲା ଏହି ସଭାରେ ଓକିଲ ସଂଘ ସଭାପତି ଜ୍ୟୋତି ପ୍ରକାଶ ରଥ, ଉପ ସଭାପତି ସତ୍ୟବ୍ରତ ଦାଶ, ସମ୍ପାଦକ ବିପ୍ଳବ ବାରିକ, ସହ ସମ୍ପାଦକ ୱେଲଫେୟାର ସ୍ୱରୂପ ମିଶ୍ର, ସହସଂପଦକ ଆଡମିନଷ୍ଟ୍ରେସନ ପଙ୍କଜ କୁମାର ମହାକୁଡ଼, ସହସମ୍ପଦକ ଲାଇବ୍ରେରୀ କୃଷ୍ଣ ଚନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ପଦ୍ମ ଲୋଚନ ମହାନ୍ତଙ୍କ ସମେତ ସମସ୍ତ କାର୍ଯ୍ୟ କାରିଣୀ ସଦସ୍ୟ ମାନଙ୍କୁ ପୁଷ୍ପ ଗୁଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା. ମୋହରୀର ସଂଘର ସମ୍ପାଦକ ସଂଗ୍ରାମ ସତପଥୀ ମଂଚ ପରିଚାଳନା କରିଥିବା ବେଳେ ସଂଘର କୋଷାଧ୍ୟକ୍ଷ ପିତାମ୍ବର ମଲ୍ଲିକ ଓ ଯତୀନ ଚନ୍ଦ୍ର ଗିରି ସହଯୋଗ କରିଥିଲେ ଏବଂ ସଂଘର ଉପ ସଭାପତି ଲକ୍ଷ୍ମୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ. ସଭାରେ ସଂଘର ବରିଷ୍ଠ ସଦସ୍ୟ ଶରତ ଚନ୍ଦ୍ର ନାୟକ, ମହାଦେବ ଦାସ, ସନ୍ତୋଷ ସେନାପତି, ମଙ୍ଗୁଲୁ ଚରଣ ବିନ୍ଧାଣୀ, ତ୍ରିଲୋଚନ କମିଲା ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ବ୍ୟବସ୍ଥାପିକାରେ ମହିଳା ନେତୃତ୍ୱ: ନୀତି ନିର୍ଦ୍ଧାରଣରେ ନୂଆ ଦିଗ


ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ

ଭାରତ ସମ୍ମୁଖରେ ଏକ ଅସାଧାରଣ ସୁଯୋଗ ରହିଛି । ନିଜର ବ୍ୟବସ୍ଥାପିକାଗୁଡ଼ିକୁ ନୂଆ ରୂପ ଦେବା, ମହିଳାମାନଙ୍କ ନେତୃତ୍ୱକୁ ପ୍ରୋତ୍ସାହିତ କରିବା ଏବଂ ଏଭଳି ଏକ ଗଣତନ୍ତ୍ର ରଚନା କରିବା, ଯାହା ପ୍ରକୃତ ଅର୍ଥରେ ନିଜ ଲୋକମାନଙ୍କ ଶକ୍ତିକୁ ପ୍ରତିଫଳିତ କରୁଥିବ । ଯେତେବେଳେ ମହିଳାମାନେ ଶାସନରେ ନିଜର ଉଚିତ ସ୍ଥାନ ଗ୍ରହଣ କରନ୍ତି, ସେତେବେଳେ ସମସ୍ତଙ୍କ ଆବଶ୍ୟକତା ଅନୁଯାୟୀ ଉତ୍ତମ ନୀତି ପ୍ରଣୟନ ହୋଇଥାଏ ଏବଂ ରାଷ୍ଟ୍ର ଅଧିକ ଶକ୍ତି ଓ ଶାଣିତ ଉଦ୍ଦେଶ୍ୟକୁ ନେଇ ଅଗ୍ରସର ହୋଇଥାଏ । ସେପ୍ଟେମ୍ବର ୨୦୨୩ରେ ପାରିତ ହୋଇଥିବା ସମ୍ବିଧାନର ୧୦୬ ତମ ସଂଶୋଧନ ଆଇନ ତଥା 'ନାରୀ ଶକ୍ତି ବନ୍ଦନ ଆଇନ' ସାମ୍ପ୍ରତିକ ବର୍ଷ ଗୁଡ଼ିକରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ସଂସ୍କାର ମଧ୍ୟରୁ ଅନ୍ୟତମ । ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପ୍ରଣୀତ ଏହି ଆଇନ ଆମ ଦେଶର ଗଣତାନ୍ତ୍ରିକ ଢାଂଚାରେ ମହିଳାମାନଙ୍କ ଭୂମିକାକୁ ବୃଦ୍ଧି କରିବାର ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିକୁ ଦର୍ଶାଉଛି । 'ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ'ର ଚିନ୍ତାଧାରାକୁ ଆଧାର କରିଥିବା ଏହି ଐତିହାସିକ ଆଇନ, ଲୋକସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପାଇଁ ଏକ-ତୃତୀୟାଂଶ ଆସନ ସଂରକ୍ଷଣ ବ୍ୟବସ୍ଥା କରିବା ସହ 'ବିକଶିତ ଭାରତ' ନିର୍ମାଣ ଦିଗରେ ଏକ ସାହସିକ ପଦକ୍ଷେପ ଭାବେ ଗଣାଯାଉଛି । ଏହା ଏକ ସାମ୍ବିଧାନିକ ବ୍ୟବସ୍ଥାଠାରୁ ବହୁଗୁଣରେ ଅଧିକ । କାରଣ ଏହି ଆଇନ ଏକ ପରିବର୍ତ୍ତନକାରୀ ଦୃଷ୍ଟିକୋଣର ସାଂସ୍ଥାନିକ ରୂପ ସୃଷ୍ଟି କରିବ, ଯେଉଁଠାରେ ମହିଳାମାନେ କେବଳ ଗଣତନ୍ତ୍ରରେ ଅଂଶଗ୍ରହଣ କରିବେ ନାହିଁ, ବରଂ ଏହାର ସରଂଚନାକୁ ମଧ୍ୟ ରୂପ ଦେବେ । ମାନ୍ୟବର ପ୍ରଧାନମନ୍ତ୍ରୀ ମୋଦୀଙ୍କଦ୍ୱାରା ମହିଳା ସଶକ୍ତିକରଣ ଏବଂ ସମାବେଶୀ ବିକାଶକୁ ଦିଆଯାଇଥିବା ନିରନ୍ତର ସମର୍ଥନ, ଦୀର୍ଘଦିନର ଆଶାକୁ ବାସ୍ତବତାରେ ପରିଣତ କରିବା ପାଇଁ ଏହା ଶକ୍ତ ପ୍ରେରଣା ଯୋଗାଉଛି । ଭାରତର ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକରେ ଯେ ଅଧିକ ମହିଳାଙ୍କର ଭାଗିଦାରୀ ଆବଶ୍ୟକ ରହିଛି ତହା ନୁହେଁ, ବରଂ ଏଠାରେ ଏଭଳି ମହିଳାମାନଙ୍କର ଭାଗିଦାରୀ ଆବଶ୍ୟକ ରହିଛି ଯେଉଁମାନଙ୍କ ପାଖରେ ନୀତିଗତ ନିଷ୍ପତିକୁ ପ୍ରଭାବିତ କରିବା ପାଇଁ ଅଧିକାର, ଦକ୍ଷତା ଏବଂ ପର୍ଯ୍ୟାପ୍ତ ସୁଯୋଗ ଥିବ । ବର୍ତମାନର ସରକାର ଗତ ଏକ ଦଶନ୍ଧି ମଧ୍ୟରେ ମହିଳାମାନଙ୍କ ସାମାଜିକ-ଅର୍ଥନୈତିକ ସ୍ଥିତିକୁ ସଶକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ନିବେଶ କରିଛନ୍ତି, ଯାହାଦ୍ୱାରା ଏହି ବୈଧାନିକ ପରିବର୍ତ୍ତନ ପାଇଁ ମଜଭୁତ ଭିତିଭୂମି ପ୍ରସ୍ତୁତ ହୋଇଛି । ଜନ ଧନ ଖାତାଧାରୀଙ୍କ ମଧ୍ୟରେ ୫୬%ରୁ ଅଧିକ ମହିଳା ଅଛନ୍ତି, ଯାହା ଆର୍ଥିକ ସମାବେଶକୁ ଅଭୂତପୂର୍ବ ପ୍ରୋତ୍ସାହନ ଦେଉଛି । ମୁଦ୍ରା ଯୋଜନାର ପ୍ରାୟ ୬୭% ହିତାଧିକାରୀ ହେଉଛନ୍ତି ମହିଳା । ଏହା ଉଦ୍ୟୋଗ କ୍ଷେତ୍ରରେ ସେମାନଙ୍କର ବଢୁଥିବା ଭୂମିକାକୁ ଦର୍ଶାଉଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ମଞ୍ଜୁର ହୋଇଥିବା ୭୩%ରୁ ଅଧିକ ଘର ମହିଳାମାନଙ୍କ ନାମରେ ରହିଛି, । ସେହିପରି ଉଜ୍ଜ୍ୱଳା ଯୋଜନାରେ ୧୦ କୋଟିରୁ ଅଧିକ ମହିଳାଙ୍କ ନାମରେ ଏଲପିଜି ସଂଯୋଗ ଘରୋଇ ଜୀବନଧାରଣର ମାନରେ ସୁଧାରକୁ ସୂଚୀତ କରୁଛି । ଏହି ସମସ୍ତ ପଦକ୍ଷେପ ଏକ ସ୍ୱଷ୍ଟ ନୀତିଗତ ଦିଗ 'ଅଂଶ ଗ୍ରହଣ ଜରିଆରେ ସଶକ୍ତି କରଣ'କୁ ଦର୍ଶାଉଛି । ଅବଶ୍ୟ, ଏବେ ଧ୍ୟାନ କେବଳ ଅଂଶଗ୍ରହଣ ବା ଭାଗିଦାରୀରେ ଆଉ ସୀମିତ ହୋଇ ରହିନାହିଁ, ଏହା ନିଷ୍ପତି ଗ୍ରହଣ ସ୍ତରରେ କେନ୍ଦ୍ରୀଭୂତ ହୋଇଛି । ଆମ ଦେଶର ନିଜସ୍ୱ ଅଭିଜ୍ଞତା ଏକ ଦୃଢ଼ ମାନଦଣ୍ଡ ଉପସ୍ଥାପନ କରେ । ସ୍ଥାନୀୟ ସ୍ତରରେ, ଏବେ ପଂଚାୟତିରାଜ ଅନୁଷ୍ଠାନଗୁଡ଼ିକରେ ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରୁ ପ୍ରାୟ ୫୦% ମହିଳା, ଅର୍ଥାତ୍ ୧୨ ଲକ୍ଷରୁ ଅଧିକ ନେତ୍ରୀ ଭାବରେ ସେମାନେ ସ୍ଥାନୀୟ ଶାସନକୁ ଦିଗଦର୍ଶନ ଦେଉଛନ୍ତି । ସେମାନଙ୍କର ପ୍ରଭାବ ସ୍ୱଷ୍ଟ ଭାବେ ଦୃଶ୍ୟମାନ ହେଉଛି । ମହିଳା-ନେତୃତ୍ୱାଧୀନ ସ୍ଥାନୀୟ ସଂସ୍ଥାଗୁଡ଼ିକ ବିକାଶ ସହିତ ଜଡ଼ିତ ଜଳ, ପରିମଳ, ଶିକ୍ଷା, ପୋଷଣ ଏବଂ ସ୍ୱାସ୍ଥ୍ୟସେବା ଭଳି ପ୍ରମୁଖ ପ୍ରସଙ୍ଗଗୁଡ଼ିକ ଉପରେ କ୍ରମାଗତ ଭାବେ ଧ୍ୟାନ କେନ୍ଦ୍ରୀଭୂତ କରିଛନ୍ତି, ଯାହା ଦର୍ଶାଏ ଯେ ନେତୃତ୍ୱରେ ବିବିଧତା ନୀତି ନିର୍ଦ୍ଧାରଣରେ ସକାରାତ୍ମକ ପରିବର୍ତ୍ତନ ଆଣିଥାଏ । ମହିଳାମାନେ ପ୍ରଭାବଶାଳୀ ନେତୃତ୍ୱ ଦେଇପାରିବେ କି ନାହିଁ- ତାହା ଏବେ ଆଉ ପ୍ରଶ୍ନ ହୋଇ ରହିନାହିଁ କାରଣ ଏହାର ପ୍ରମାଣ ପୂର୍ବରୁ ଅନେକଥର ପ୍ରମାଣିତ ହୋଇଛି । ଏବେ ସମୟ ଆସିଛି ଯେ ଭାରତର ଉଚ୍ଚ ବିଧାନ ପ୍ରଣୟନ କରୁଥିବା ଅନୁଷ୍ଠାନସବୁ ମହିଳାମାନଙ୍କ ନେତୃତ୍ୱକୁ ପୂର୍ଣ୍ଣ ରୂପେ ଆପଣାନ୍ତୁ ଏବଂ ତାହାକୁ ପ୍ରୋତ୍ସାହିତ କରନ୍ତୁ । ନାରୀ ଶକ୍ତି ବନ୍ଦନ ଆଇନ ପୂର୍ବରୁ ହିଁ ଭିତିଭୂମି ପ୍ରସ୍ତୁତ କରିସାରିଛି, ଯାହା ଅର୍ଥପୂର୍ଣ୍ଣ ପ୍ରତିନିଧିତ୍ୱ ପାଇଁ ଏକ ଶକ୍ତ ସାଂଗଠନିକ ମୂଳଦୁଆ ପ୍ରଦାନ କରୁଛି । ରାଜନୈତିକ ଦଳଗୁଡ଼ିକ ପାଖରେ ଏବେ ଏହି ଗତିକୁ ଆଗକୁ ବଢ଼ାଇବା - ପ୍ରାର୍ଥୀ ଚୟନ ପ୍ରକ୍ରିୟାକୁ ନୂଆ ଭାବେ ସଂଜ୍ଞାୟିତ କରିବା, ନିର୍ବାଚନୀ ପ୍ରଚାର ପାଇଁ ଆର୍ଥିକ ସମ୍ବଳର ଉପଲବ୍ଧିକୁ ବିସ୍ତାର କରିବା ଏବଂ ମହିଳା ନେତ୍ରୀମାନଙ୍କ ପାଇଁ ସ୍ୱଷ୍ଟ ଓ ସଶକ୍ତ ମାର୍ଗ ପ୍ରସ୍ତୁତ କରିବାର ବଡ଼ ସୁଯୋଗ ରହିଛି । ଉଚିତ ସଂସ୍କାର ଦ୍ୱାରା, ରାଜନୈତିକ ଦଳଗୁଡ଼ିକ ବିଧିପ୍ରଣୟନ ଅନୁଷ୍ଠାନଗୁଡ଼ିକୁ କେବଳ ଏକ ପରିକଳ୍ପନାରୁ ଜୀବନ୍ତ ବାସ୍ତବତାରେ ପରିବର୍ତ୍ତନ କରି ପାରିବେ । ସରକାର ସଂସଦ ଏବଂ ରାଜ୍ୟ ବିଧାନସଭା ଗୁଡ଼ିକରେ ସାଂସ୍ଥାନିକ ପ୍ରସ୍ତୁତି ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧ ଅଛନ୍ତି । ପ୍ରଥମ ଥର ପାଇଁ ନିର୍ବାଚିତ ହେବାକୁ ଥିବା ବିଧାୟକମାନଙ୍କୁ ସଶକ୍ତ ନୀତିଗତ ଅନୁସନ୍ଧାନ, ସାମଗ୍ରିକ ବିଧାନ ପ୍ରଶିକ୍ଷଣ ଏବଂ ଦୃଢ଼ ସହକର୍ମୀ ନେଟୱାର୍କ ସୁବିଧା ପ୍ରଦାନ କରି, ସରକାର ସେହି ଭିତିଭୂମିରେ ନିବେଶ କରୁଛନ୍ତି ଯାହା ବର୍ଦ୍ଧିତ ଅଂଶଗ୍ରହଣକୁ ଅଧିକ ପ୍ରଭାବଶାଳୀ ଏବଂ ସଠିକ୍ ନିଷ୍ପତି ଗ୍ରହଣରେ ପରିଣତ କରିବ । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଆମ ସରକାର ମହିଳାମାନଙ୍କ ନେତୃତ୍ୱରେ ବିକାଶର ଦୃଷ୍ଟିକୋଣକୁ ବାଟ କଢ଼ାଇବାକୁ ନିରନ୍ତର କାର୍ଯ୍ୟ କରିଆସୁଛନ୍ତି ଏବଂ ନାରୀ ଶକ୍ତିକୁ ଭାରତର ବିକାଶ ଗାଥାର କେନ୍ଦ୍ରବିନ୍ଦୁରେ ସ୍ଥାପିତ କରିଛନ୍ତି । ଏହି ଆଇନ ପାରିତ ହେବା ବୈଧାନିକ ସ୍ତରରେ ସମ୍ପୃକ୍ତ ଦୂରଦୃଷ୍ଟିକୁ ପ୍ରତିଫଳିତ କରୁଛି । ଯଦି ଏହି ସୁଯୋଗର ପୂର୍ଣ୍ଣ ଲାଭ ଉଠାଯାଏ, ତେବେ ଏହାର ସମ୍ଭାବନା ଅସାଧାରଣ ରହିବ । ବାସ୍ତବ ପ୍ରଭାବ ସହିତ ପ୍ରତିନିଧିତ୍ୱର ପ୍ରଭାବ ଏହାକୁ ଅନେକ ଗୁଣ ବଢ଼ାଇଦିଏ । ପ୍ରକୃତ ଶକ୍ତି ସହିତ ସେମାନଙ୍କ ଉପସ୍ଥିତି ସଂସ୍କାରକୁ ତ୍ୱରାନ୍ୱିତ କରେ । ଭାରତ ଉଭୟକୁ ଆପଣାଇବା ପାଇଁ ପ୍ରସ୍ତୁତ ଏବଂ ଏଥିରୁ ମିଳିବାକୁ ଥିବା ଲାଭ ପରିବର୍ତ୍ତନକାରୀ ହେବ । ଦେଶ ୨୦୪୭ ସୁଦ୍ଧା ବିକଶିତ ଭାରତ ହେବାର ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେଉଥିବା ବେଳେ, ଏହାର ବ୍ୟବସ୍ଥାପିକା ଅନୁଷ୍ଠାନ ଗୁଡ଼ିକର ଶକ୍ତି ଏକ ଗୁରୁତ୍ୱପୂର୍ଣ୍ଣ କାରକ ହେବ । ମହିଳାମାନଙ୍କ ବିଧାୟୀ ନେତୃତ୍ୱକୁ ବୃଦ୍ଧି କରିବା କେବଳ ନିରପେକ୍ଷତାର ବିଷୟ ନୁହେଁ; ଏହା ସ୍ୱୟଂ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିଥାଏ । 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ବାସ୍ତବ ସମ୍ଭାବନାର ଏକ ଗୁରୁତ୍ୱପର୍ଣ୍ଣ ମୁହୂର୍ତ ସୃଷ୍ଟି କରିଛି । ଏବେ ଏହି ମୁହୂର୍ତକୁ ସ୍ଥାୟୀ ପରିବର୍ତ୍ତନରେ ପରିଣତ କରିବାର ସୁଯୋଗ ଏବଂ ଶକ୍ତି ଉଭୟ ରାଜନୈତିକ ଅନୁଷ୍ଠାନ, ଦଳ ଏବଂ ନୀତି ନିର୍ଦ୍ଧାରକମାନଙ୍କ ପାଖରେ ରହିଛି । ପ୍ରଗତିର ପ୍ରକୃତ ମାପକାଠି ସେହି ମହିଳାମାନଙ୍କ ମଧ୍ୟରେ ଦେଖାଯିବ, ଯେଉଁମାନେ କେବଳ ଆସନରେ ବସିବେ ନାହିଁ, ବରଂ ସେଗୁଡ଼ିକୁ ଅଧିକାରର ସହ ପରିଚାଳିତ ମଧ୍ୟ କରିବେ- ଯେଉଁମାନେ ସାହସିକ ଆଇନ ପ୍ରଣୟନ କରିବେ, ପରିବର୍ତ୍ତନକାରୀ ଏଜେଣ୍ଡା ସ୍ଥିର କରିବେ ଏବଂ ଆଗାମୀ ପିଢ଼ି ପାଇଁ ଶାସନର ସ୍ୱରୂପକୁ ନୂଆ ରୂପ ଦେବେ । ଏହି ବିଧେୟକ ଲାଗୁ ହେବା ଦ୍ୱାରା ଭାରତର ବ୍ୟବସ୍ଥାପିକାଗୁଡ଼ିକରେ କେବଳ ସରଂଚନା ବଦଳିବ ନାହିଁ - ବରଂ ସେମାନଙ୍କର ଉଦ୍ଦେଶ୍ୟ, ଶକ୍ତି ଏବଂ ପ୍ରତିଶ୍ରୁତି ମଧ୍ୟ ବଦଳିଯିବ ।

***(ଲେଖିକା ଭାରତ ସରକାରରେ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ଅଟନ୍ତି)***

# ଜନ ଗଣନାରେ ସହଯୋଗ କାମନା କଲେ ଜିଲ୍ଲାପାଳ

ପୁରୀ(ନିପ୍ର): ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧିନସ୍ଥ ଜନଗଣନା ନିର୍ଦ୍ଦେଶାଳୟ ଏବଂ ଓଡ଼ିଶା ରାଜ୍ୟ ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ମିଳିତ ସମନ୍ୱୟରେ ସମଗ୍ର ଓଡ଼ିଶାର ୩୦ ଟି ଜିଲ୍ଲାରେ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଗୃହଗଣନା ଏବଂ ଗୃହତାଲିକା ପ୍ରସ୍ତୁତି ଆଗାମୀ ଅପ୍ରେଲ୍ ୧୬ ତାରିଖରୁ ଆରମ୍ଭ ହେବାକୁ ଯାଉଛି ବୋଲି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସୂଚନା ଦେଇଛନ୍ତି । ପୁରୀ ଜିଲ୍ଲାରେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅପ୍ରେଲ୍ ୧୬ ତାରିଖରୁ ମଇ ୧୫ ତାରିଖ ପର୍ଯ୍ୟନ୍ତ ତାଲିମ ପ୍ରାପ୍ତ ଗଣନାକାରୀ ଓ ସୁପରଭାଇଜର ମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ । ଏହା ପୂର୍ବରୁ ଅପ୍ରେଲ୍ ୧ ତାରିଖରୁ ଅପ୍ରେଲ୍ ୧୫ ତାରିଖ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ସ୍ୱ-ଗଣନାର ପ୍ରାବଧାନ ରହିଛି । ଏହି କାର୍ଯ୍ୟକ୍ରମରେ Self-Enumeration Portal (https://se.census.gov.in) ପୋର୍ଟାଲ ମାଧ୍ୟମରେ ଜନସାଧାରଣ ନିଜର ତଥ୍ୟ ନିଜେ ପ୍ରଦାନ କରି ପାରିବେ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

# ଆମ ପରିବେଶ ଆମର ଗର୍ବ ଆଲୋଚନା ଚକ୍ର ଅନୁଷ୍ଠିତ



ପୁରୀ(ନିପ୍ର): ଗାନ୍ଧିଜୀ ସାମାଜିକ ଅନୁଷ୍ଠାନ ପକ୍ଷରୁ ଆଜି ଅପରାହ୍ନରେ ଆମ ପରିବେଶ ଆମର ଗର୍ବ ନାମରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରାକ୍ତନ କେନ୍ଦ୍ର ମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ କୁ ଶୁଭ ଉଦଘାଟନ କରି ନିଜର ବକ୍ତବ୍ୟରେ କହିଲେ, ପରିବେଶ ଏକ ବ୍ୟାପକ ଶବ୍ଦ ବୋଲି କହିଥିଲେ । ଜୀବ ଜଗତ ପାଇଁ ସୁସ୍ଥ ପରିବେଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଆଜିର ମଣିଷ ସମାଜ ପରିବେଶ କୁ ସୁସ୍ଥ ରଖିବା ପରିବର୍ତେ ନଷ୍ଟ କରୁଛି । ଯାହା ସମଗ୍ର ଜୀବ ଜଗତ ପାଇଁ ବଡ ସମସ୍ୟା ସୃଷ୍ଟି କରୁଛି । ଆମେ ପ୍ରତ୍ୟେକ ଏକ ସୁସ୍ଥ, ସୁନ୍ଦର ଓ ଜୀବ ଉପଯୋଗୀ ପରିବେଶ ସୃଷ୍ଟି କରିବାକୁ ଓ ସଂକଳ୍ପ ବଦ୍ଧ ହେବାକୁ ଶ୍ରୀ ତ୍ରିପାଠୀ ଆହ୍ୱାନ ଦେବା ସହ ଗାନ୍ଧିଜୀ ସାମାଜିକ ଅନୁଷ୍ଠାନର କାର୍ଯ୍ୟାବଳୀ ର ପ୍ରଶଂସା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଂଟିଆ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବରିଷ୍ଠ ସାମ୍ବାଦିକ ବିଶ୍ୱଜିତ ମିଶ୍ର, ବରିଷ୍ଠ ଆଇନଜୀବୀ ଡ଼. ପ୍ରଧାନ ଧିରେନ ରାୟ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସାମାଜିକ ଅନୁଷ୍ଠାନ ଦିବେଲ ର ସମ୍ପାଦକ ସିଦ୍ଧାର୍ଥ ରାୟ, ପତ୍ରକାର ପ୍ରସନ୍ନ କୁମାର ଦାସ ପ୍ରମୁଖ ଯୋଗ ଦେଇ ପରିବେଶ, ପରିବେଶ ର ସୁରକ୍ଷା ଓ ଆମ ମାନଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ମା ବାଟ ମଙ୍ଗଳା ଓ ମା ବସ ନ୍ତେଇ ଠାକୁରାଣୀ ଙ୍କ ନିକଟରେ ଓଡିଶାର ସାଢେ ୪କୋଟି ଓଡ଼ିଆ ଙ୍କ ସୁସ୍ଥତା ରହିବା ପାଇଁ ଏବଂ ନିଜ ଅଂଚଳକୁ ସ୍ୱଚ୍ଛ ରଖିବା ପାଇଁ ଦ୍ୱୀପ ପ୍ରଦାନ ଅନୁଷ୍ଠାନ ତରଫରୁ କରାଯାଇଥିଲା । ଗାନ୍ଧିଜୀ ସାମାଜିକ ଅନୁଷ୍ଠାନର ସଭାପତି ପ୍ରସନ୍ନ କୁମାର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ର ରେ ସମ୍ପାଦିକା ସସ୍ମିତା ଶତପଥୀ, ସଦସ୍ୟା, କାର୍ଯ୍ୟକାରୀ ସଭାପତି ମମତା ମିଶ୍ର, କୋଷାଧକ୍ଷା ଲକ୍ଷ୍ମୀପ୍ରିୟା ଦେ, ନମିତା ମଞ୍ଜରୀ ଶତପଥୀ, ଗାୟତ୍ରୀ ଜେନା, ବେବିଲାଲ ମିଶ୍ର, ଝାନସୀ ମିଶ୍ର, ଆଲୋକ ଦାସ, ରାଜଲକ୍ଷ୍ମୀ ଦାସ, ସୁପ୍ରିୟା ପ୍ରଧାନ, ସଂଯୁକ୍ତା ବେହେରା ଆଦି ସହଯୋଗ କରିଥିଲେ । ଉଦଘୋଷକ ଶିବ ପ୍ରସାଦ ମିଶ୍ର ମଂଚ ସଂଚାଳନ କରିଥିଲେ । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମାଜିକ କର୍ମୀ ମାନଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ ।

# ଜିଲ୍ଲା ସଦର କାର୍ଯ୍ୟାଳୟରେ ବିଜେପି ସ୍ଥାପନା ଦିବସ ପାଳିତ




ମାଲକାନଗିରି(ନିପ୍ର): ମାଲକାନଗିରି ଆଜି ମାଲକାନଗିରି ବିଜେପି କାର୍ଯ୍ୟାଳୟରେ ୪୭ ତମ ବିଜେପି ସ୍ଥାପନା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଦଳର ବରିଷ୍ଠ କର୍ମୀ ତଥା ପୂର୍ବତନ ସଭାପତି ଗୁରୁଚରଣ ମହାନ୍ତି କାର୍ଯ୍ୟଳୟ ପରିସର ମଧ୍ୟରେ ଦଳୀୟ ପତାକା ଉତୋଳନ କରିଥିଲେ । ଏଥି ସହ କାର୍ଯ୍ୟାଳୟରେ ଏକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା ସର୍ବ ପ୍ରଥମେ ଭାରତୀୟ ଜନତା ପାର୍ଟି ର ପ୍ରତିଷ୍ଠାତା ଡ଼ଃ ଶ୍ୟାମା ପ୍ରସାଦ ମୁଖାର୍ଜୀ ଓ ଦିନଦୟାଲ ଉପାଧ୍ୟାୟଙ୍କ ତୈଳଚିତ୍ର ସମ୍ମୁଖରେ ପ୍ରଦିପ ପ୍ରର୍ଯ୍ୟୁଳନ କରି ବନ୍ଦେ ମାତରଙ୍ଗ ସମୂହ ଗାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ବିଧାୟକ ନରସିଂହ ମାଡ଼କାମୀ ଦଳର ଇତିହାସ ବିଷୟରେ ସୂଚନା ଦେଇ ଭାରତୀୟ ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିବା କାର୍ଯ୍ୟକର୍ତାଙ୍କ ବହୁ ସଂଘର୍ଷ ପରେ ଆଜି ଦଳକୁ ଏହି ସଫଳତା ମିଳିଥିବା ବର୍ଣ୍ଣନା କରିଥଲେ । ଏଥି ସହ ଶ୍ରୀ ମହାନ୍ତି ୬ ଅପ୍ରେଲ ୧୯୮୦ ମସିହାରେ ଦଳର ଶୁଭ ପଡିଥିବା ବେଳେ ମାତ୍ର ୨ଜଣ ସାଂସଦ ରୁ ୩୦୩ ପର୍ଯ୍ୟନ୍ତ ସଂସାଦ ନିର୍ବାଚିତ ହୋଇ କ୍ଷମତା ମିଳିବାରେ ଦଳର ବରିଷ୍ଠ ଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ବିବରଣୀ ଦେଇଥିଲେ । ଅନ୍ୟ ବରିଷ୍ଠ ଅତିଥି ମାନେ ଭାଜପା ସରକାରର ରାଷ୍ଟ୍ରପ୍ରେମ, ରାଷ୍ଟ୍ରୀୟ ବିଚାର ଧାରାକୁ ନେଇ ଆଗକୁ ବଢିବାକୁ କର୍ମୀଙ୍କୁ ମୂଳ ମନ୍ତ୍ର ଦେଇଥିଲେ । ଏହି ବୈଠକରେ ମାଲକାନଗିରି ବିଧାୟକ ନରସିଂଙ୍ଗ ମାଡକାମୀ, ବରିଷ୍ଠ କର୍ମୀ ଶ୍ୟାମଳ ସୁନାନୀ, ନଗର ମଣ୍ଡଳ ସଭାପତି ଦିଲ୍ଲୀପ ଦଣ୍ଡପାଟି, ବିଧାୟକ ପ୍ରତିନିଧି ନିହାର ରାୟ, ସାଧାରଣ ସମ୍ପାଦକ ମାଣିକ ଲାଲ ଚକ୍ରବର୍ତୀ, କୋଷାଧକ୍ଷ ସଞ୍ଜୟ ସରକାର, ବ୍ଲକ ଭାଇସ ଚେୟାର ମ୍ୟାନ ନିରଞ୍ଜନ ହାଲଦାର, ମହିଳା ମୋର୍ଚ୍ଚା ସମ୍ପାଦିକା ବେନି କାର୍ଟୁଲୁ, ଜିଲ୍ଲା ସମ୍ପାଦିକା ସବିତା ମିଶ୍ର, ସୌଦାମିନୀ ଆଚାର୍ଯ୍ୟ, ମମତା ମୟୀ ମହାନ୍ତି, ମିଡ଼ିଆ ପ୍ରମୁଖ ଭାବେ ବି ଶ୍ରୀନିବାସ ପାତ୍ର, ସୋସିଆଲ ମିଡ଼ିଆ ପ୍ରମୁଖ ଦୀପକ ସାହା ସମେତ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତା ଉପସ୍ଥିତ ଥଲେ ।

# ବିଜେପିର ୪୭ତମ ସ୍ଥାପନା ଦିବସ କନ୍ହେଇବନ୍ଧ ମଣ୍ଡଳରେ ପାଳିତ



ଖୁଂଟା(ନିପ୍ର): ଭାରତୀୟ ଜନତା ପାର୍ଟିର ୪୭ତମ ସ୍ଥାପନା ଦିବସ ଅବସରରେ ଖୁଂଟା ବ୍ଲକର କନ୍ହେଇବନ୍ଦ ମଣ୍ଡଳ ପକ୍ଷରୁ କନ୍ହେଇବନ୍ଦ ବଡାମ ମଣ୍ଡପ ପ୍ରାଙ୍ଗଣରେ ଏକ ଗମ୍ଭୀର ଓ ଉତ୍ସାହମୟ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ସଭାପତି ଦୁଷ୍ମନ୍ତ ଘୋଷ (କାଳିଆ ଭାଇ)ଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଣ୍ଡଳ ଅଧିନର ୬ଟି ଶକ୍ତିକେନ୍ଦ୍ର (ପଂଚାୟତ)ର ବିଜେପି କାର୍ଯ୍ୟକର୍ତାମାନେ ବୁଥ୍ ସ୍ତରରୁ ଆରମ୍ଭ କରି ମଣ୍ଡଳ ସ୍ତର ପର୍ଯ୍ୟନ୍ତ ବ୍ୟାପକ ଭାବରେ ଯୋଗଦେଇ ଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ସମସ୍ତଙ୍କ ଉପସ୍ଥିତିରେ ଦଳୀୟ ପତାକା ଉତୋଳନ କରାଯାଇଥିଲା । ପରବର୍ତୀତ, ଭାରତ ମାତା ସହିତ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ, ଡ଼ଃ ଶ୍ୟାମା ପ୍ରସାଦ ମୁଖାର୍ଜୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଛବିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହା ପରେ "ବନ୍ଦେ ମାତରମ୍" ଗୀତ ଗାନ କରାଯାଇ ପରିବେଶକୁ ଦେଶଭକ୍ତିମୟ କରାଯାଇଥିଲା । ସଭାପତି ଦୁଷ୍ମନ୍ତ ଘୋଷ ମଂଚ ପରିଚାଳନା କରିଥିବା ବେଳେ, ଏହି ଅବସରରେ ମୟୁରଭଞ୍ଜ ଜିଲ୍ଲା ଉପସଭାପତି ରଞ୍ଜନ କୁମାର ମହୁଆଳ ବିଶେଷ ଅତିଥି ଭାବେ ଯୋଗଦେଇଥିଲେ । ତାଙ୍କ ଅଭିଭାଷଣରେ ସେ କହିଥିଲେ ଯେ, କନ୍ହେଇବନ୍ଦ ମଣ୍ଡଳକୁ ଜିଲ୍ଲାର ଶ୍ରେଷ୍ଠ ମଣ୍ଡଳରେ ପରିଣତ କରିବା ପାଇଁ ସମସ୍ତ କାର୍ଯ୍ୟକର୍ତାଙ୍କ ସଂଘବଦ୍ଧ ପ୍ରୟାସ ଅତ୍ୟାବଶ୍ୟକ ଏବଂ ସେଥିପାଇଁ ସମସ୍ତଙ୍କ ସହଯୋଗ ଆହ୍ୱାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସାଧାରଣ ସମ୍ପାଦକ ପଦ୍ମଲୋଚନ ନାୟକ, ଏସ୍‌ସି ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର, ବାହାନଡା ସରପଂଚ ସାବିତ୍ରୀ ଟୁଡୁ, ଏସ୍ ?ଟି ମୋର୍ଚ୍ଚା ସଭାପତି ସୁମନ୍ତ ମଡେଇ, ବରିଷ୍ଠ ନେତା ମଧୁସୂଦନ ହେମ୍ବ୍ରମ୍, ଉପେନ୍ଦ୍ର ନାଏକ, ସମ୍ପାଦକ ଅଞ୍ଜ କିଶୋର ଜେନା, ଲକ୍ଷ୍ମୀ ତରେଇ, ସୁଶାନ୍ତ କୁମାର ବେହେରା ସହ ଅନ୍ୟାନ୍ୟ ନେତୃବୃନ୍ଦ ଓ କାର୍ଯ୍ୟକର୍ତାମାନେ ସକ୍ରିୟ ଭାଗ ନେଇଥିଲେ । ଶେଷରେ ମଣ୍ଡଳ ସାଧାରଣ ସମ୍ପାଦକ ପଦ୍ମଲୋଚନ ନାୟକ ଧନ୍ୟବାଦ ଅର୍ପଣ କରି ସଭାର ସମାପନ କରିଥିଲେ ।

# ସମୟକୁ ନେଇ ଉଦଳା ଓ ବାଲେଶ୍ୱର ବସ ମାଲିକ ସଂଘ ମଧ୍ୟରେ ବିବାଦ

ଉଦଳା(ନିପ୍ର): ଗତ ତିନି ଦିନ ଧରି ଉଦଳା-ବାଲେଶ୍ୱର ମଧ୍ୟରେ ଯାତ୍ରୀବାହୀ ଘରୋଇ ବସ ସେବା ବାଧାପ୍ରାପ୍ତ ହୋଇଛି । ଯାହାଫଳରେ ଗ୍ରୀଷ୍ମପ୍ରବାହ ର ଆରମ୍ଭ ତାତିରେ ଯାତ୍ରୀମାନେ ହୀନସ୍ଥା ହୋଇଛନ୍ତି । ଦୁଇଟି ବସ ର ସମୟକୁ ନେଇ ଏହି ବିବାଦ ଉପୁଜିଥିବା ବେଳେ ଗତ ଶୁକ୍ରବାର ଅପରାହ୍ନରେ ଉଦଳା ଓ ବାଲେଶ୍ୱର ଘରୋଇ ବସ ମାଲିକ ସଙ୍ଘ ଉଭୟ ଦୁଇ ଦୁଇଟି ବସ ଅଟକ ରଖିଥିବା ନେଇ ବିବାଦ ବଢିଥିଲା । ତେବେ ଉକ୍ତ ଦୁଇଟି ବସର ସମୟ ଓ ପରମିଟ ସମୟକୁ ନେଇ ଥିବା ଅନ୍ତର ବିବାଦର ମୁଳ କାରଣ ବୋଲି ଜଣାପଡ଼ିଛି । ଅପରପକ୍ଷରେ ବାଲେଶ୍ୱର ଓ ଉଦଳା ବସ ସଙ୍ଘ ଭୁକ୍ତ ନଥିବା କିଛି ବସ ଯାତାୟାତ କରୁଛି ବୋଲି ଲକ୍ଷ କରା ଯାଇଛି । ତେବେ ବହୁତ କମ । ଉଦଳା ରୁ ବାଲେଶ୍ୱର ନିୟମିତ ଅଧଘଂଟା ରେ ଗୋଟିଏ ବସ ଯିବା ଆସିବା କରିଥାଏ । ଉଦଳା ରୁ ବସ ସେବା ଏକମାତ୍ର ବିକଳ୍ପ ଯୋଗାଯୋଗର ମାଧ୍ୟମ ହୋଇଥିବା ନେଇ ତାତି ଆରମ୍ଭରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି । ଉଦଳା ବସ ଷ୍ଟାଣ୍ଡରେ ଯାତ୍ରୀ ମାନଙ୍କ ପାଇଁ ପ୍ରତୀକ୍ଷାଳୟର ସୁବ୍ୟବସ୍ଥା ନଥିବା କାରଣରୁ ଯାତ୍ରୀମାନେ ଦୂରଦୂରାନ୍ତରୁ ଆସି ହରଡ଼ଘଣାରେ ପଡ଼ିଛନ୍ତି । କିଏ ବସ ଛାଇ ରେ ବସିଲେଣି ତ କିଏ ମନ୍ଦିର ଛାଇ ରେ । ଉଦଳା-ବାଲେଶ୍ୱର ବସ ସେବା ବାଧାପ୍ରାପ୍ତ ହେବା ନେଇ ସଙ୍ଘର ସଭାପତି ରମେଶ ବେହେରାଙ୍କୁ ପଚାରିବାରେ ସେ ସମୟ ଓ ପରମିଟ ସମୟ ନେଇ ବିବାଦ ଉପୁଜିଥିବା ସ୍ୱୀକାର କରି ବାଲେଶ୍ୱର ସଂଘକୁ ଆଲୋଚନା ମାଧ୍ୟମରେ ସମାଧାନ ଗୁରୁବାର ବୈଠକ ଜରିଆରେ କରିବାକୁ ପ୍ରସ୍ତାବ ଦେଇଥିଲେ ହେଁ ବାଲେଶ୍ୱର ସଂଘ ଉଦଳା ସଂଘର ଦୁଇଟି ବସକୁ ଅଟକ ରଖିଥିବା ଜାଣିବାକୁ ପାଇଥିଲୁ । ଟେଲିଫୋନ ଯୋଗେ ସମାଧାନ ପ୍ରସ୍ତାବ ଦେଇଥିଲେ ହେଁ ଆଗ୍ରାହ୍ୟ କରି ଅଧିକ ବସ ଅଟକ କରିବା ପରେ ଉଦଳା ସଂଘ ବାଧ୍ୟ ହୋଇ ଉକ୍ତ ସଂଘର ବସ ଅଟକ ରଖିଥିବା ପ୍ରକାଶ କରିଛନ୍ତି । ଖରା ଦିନ ପାଇଁ ତାତି ଯୋଗୁଁ ଯାତ୍ରୀମାନେ ହଇରାଣ ହେଉଥିବା ନେଇ ଦୁଃଖ ପ୍ରକାଶ ମଧ୍ୟ କରିଛନ୍ତି । ତେବେ ଆଲୋଚନା ମାଧ୍ୟମରେ ଖୁବଶୀଘ୍ର ସମାଧାନ ହେବ ବୋଲି ଆଶା ପ୍ରକୋଟ କରିଛନ୍ତି ।

# ଆସାମର ମା’ କାମାକ୍ଷାଙ୍କ ପୀଠରେ ପୂଜାର୍ଚ୍ଚନା କଲେ ମୁଖ୍ୟମନ୍ତ୍ରୀ





ଭୁବନେଶ୍ୱର : ଆସାମର ପବିତ୍ର ଶକ୍ତିପୀଠ ମା’ କାମାକ୍ଷାଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଛନ୍ତି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ମୁଖ୍ୟମନ୍ତ୍ରୀ ପୋଷ୍ଟ କରି ଲେଖିଛନ୍ତି ଆଜି ଆସାମର ପବିତ୍ର ଶକ୍ତିପୀଠ ମା’ କାମାକ୍ଷାଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିବାର ପରମ ସୌଭାଗ୍ୟ ପ୍ରାପ୍ତ ହେଲା । ମା’ଙ୍କ ଶ୍ରୀଚରଣରେ ଆସାମରେ ଭାରତୀୟ ଜନତା ପାର୍ଟିର ସଫଳତା ଏବଂ ଆମ ଓଡ଼ିଶାର ପ୍ରଗତି ତଥା ସମୃଦ୍ଧି ପାଇଁ ପ୍ରାର୍ଥନା କଲି । ମା’ଙ୍କ ଅପାର କରୁଣାରୁ ଆମ ସମାଜରେ ଶାନ୍ତି, ସଦ୍ଭାବନା ଓ ସାମାଜିକ ସମନ୍ୱୟ ବୃଦ୍ଧି ପାଇବା ସହ ‘ସମୃଦ୍ଧ ଓଡ଼ିଶା’ ଗଠନର ଅଭିଯାନ ସଫଳ ହେଉ, ଏହାହିଁ କାମନା । ଜୟ ମା’ କାମାକ୍ଷା !

# ବିଜେପି ପ୍ରତିଷ୍ଠା ଦିବସରେ ଶୁଭେଚ୍ଛା ଜଣାଇଲେ ଅମିତ ଶାହ



ନୂଆଦିଲ୍ଲୀ : ଭାରତୀୟ ଜନତା ପାର୍ଟି (ବିଜେପି) ଆଜି ନିଜର ସ୍ଥାପନା ଦିବସ ପାଳନ କରୁଛି । ବିଜେପି ଏବଂ ବରିଷ୍ଠ ପାର୍ଟି ନେତା ଓ କେନ୍ଦ୍ରୀୟ ଗୃହ ଏବଂ ସହକାରିତା ମନ୍ତ୍ରୀ ଅମିତ ଶାହ କାର୍ଯ୍ୟକର୍ତ୍ତା ଏବଂ ଦେଶବାସୀଙ୍କୁ ପାର୍ଟିର ସ୍ଥାପନା ଦିବସର ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ବିଜେପି ଏକ୍ସରେ ଲେଖିଛି, “ରାଷ୍ଟ୍ର ପ୍ରଥମ, ଅନ୍ତ୍ୟୋଦୟର ସଙ୍କଳ୍ପ ଏବଂ ‘ସେବା ହି ସଂଗଠନ’ର ମୂଳ ମନ୍ତ୍ରରେ ଚାଲୁଥିବା ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ ଭାରତୀୟ ଜନତା ପାର୍ଟିର ସ୍ଥାପନା ଦିବସରେ ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ଦେଶବାସୀଙ୍କୁ ଶୁଭେଚ୍ଛା ।” କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ବିଜେପିର ସ୍ଥାପନା ଦିବସର ଶୁଭେଚ୍ଛା ଜଣାଇଛନ୍ତି । ସେ ହ୍ୱାଟସ୍‌ଆପ୍ ବାର୍ତ୍ତାରେ ଲେଖିଛନ୍ତି, “ଡ଼ା. ଶ୍ୟାମା ପ୍ରସାଦ ମୁଖର୍ଜୀ ଜୀ ଏବଂ ପଣ୍ଡିତ ଦୀନଦୟାଳ ଉପାଧ୍ୟାୟ ଜୀଙ୍କ ରାଷ୍ଟ୍ରବାଦୀ ଚିନ୍ତାଧାରା ଏବଂ ବିଚାରଧାରାର ପ୍ରେରଣାରେ ଗଠିତ ଭାରତୀୟ ଜନତା ପାର୍ଟିର ସ୍ଥାପନା କେବଳ ଏକ ରାଜନୈତିକ ଘଟଣା ନୁହେଁ, ବରଂ ରାଷ୍ଟ୍ର ପୁନର୍ନିର୍ମାଣର ସଙ୍କଳ୍ପ ଥିଲା । ଶେଷ ଧାଡିର ଲୋକଙ୍କ ମଙ୍ଗଳର ମୂଳ ଭାବନା ସହ ଆରମ୍ଭ ହୋଇଥିବା ବିଜେପି, ମୋଦୀଜୀଙ୍କ ନେତୃତ୍ୱରେ ‘ସବକା ସାଥ, ସବକା ବିକାସ, ସବକା ବିଶ୍ୱାସ’ ମନ୍ତ୍ରକୁ ସାକାର କରିଛି ।”








# ସୋନିପତ ଡି.ସି ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ୟୁନିଭରସିଟିର ଅଷ୍ଟମ ସମାବର୍ତ୍ତନ ଉତ୍ସବରେ ଯୋଗଦେଲେ ଉପରାଷ୍ଟ୍ରପତି



ସୋନିପତ : ସୋମବାର ସୋନିପତର ମୁର୍ଥଲସ୍ଥିତ ଦୀନବନ୍ଧୁ ଛୋଟୁରାମ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟରେ ଅଷ୍ଟମ ସମାବର୍ତ୍ତନ ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି ସମାରୋହରେ ମୋଟ ୭୫୦ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା । ସମାରୋହରେ ଅଧ୍ୟକ୍ଷତା କରିଥିବା ଉପରାଷ୍ଟ୍ରପତି ସିପି ରାଧାକୃଷ୍ଣନ କହିଛନ୍ତି ଯେ ନୂତନ ଶିକ୍ଷା ନୀତି ସହିତ ଯୁବପିଢ଼ି ବିଜ୍ଞାନ ଏବଂ ଗବେଷଣା କ୍ଷେତ୍ରରେ ଆଗକୁ ବଢ଼ିବା ଉଚିତ ଏବଂ ଦେଶର ପ୍ରଗତିରେ ଯୋଗଦାନ ଦେବା ଉଚିତ । ହରିଆଣା ରାଜ୍ୟପାଳ ଅସୀମ କୁମାର ଘୋଷ, ମୁଖ୍ୟମନ୍ତ୍ରୀ ନାୟବ ସିଂହ ସାଇନି, ମନ୍ତ୍ରୀ ଡକ୍ଟର ଅରବିନ୍ଦ ଶର୍ମା ଏବଂ ବିଜେପି ରାଜ୍ୟ ସଭାପତି ମୋହନ ଲାଲ ବାଡୋଲି ଉତ୍ସବରେ ପ୍ରମୁଖ ଯୋଗ ଦେଇଥିଲେ । ମଂଚରୁ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ଉପରାଷ୍ଟ୍ରପତି ଏହି ଉତ୍ସବରେ ଯୋଗଦେବା ପାଇଁ ନିଜର ଗର୍ବ ପ୍ରକାଶ କରିଥିଲେ । ସେ କହିଛନ୍ତି ଯେ ହରିୟାଣା ଧାର୍ମିକ ଯୁଦ୍ଧର ଭୂମି ହୋଇଛି, ଏବଂ ଦୀନବନ୍ଧୁ ଛୋଟୁ ରାମଙ୍କ ଆଦର୍ଶ ସମାଜକୁ ପ୍ରେରଣା ଦେଇ ଚାଲିଛି । ଛୋଟୁ ରାମ ଚାଷୀ ଏବଂ ଗ୍ରାମୀଣ ସମାଜକୁ ଆଗକୁ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ଏବଂ ଦେଶର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ । ଡିଗ୍ରୀ ପାଇଥିବା ସମସ୍ତ ଛାତ୍ରଙ୍କୁ ଅଭିନନ୍ଦନ ଜଣାଇ ଉପରାଷ୍ଟ୍ରପତି କହିଛନ୍ତି ଯେ ମହିଳା ଛାତ୍ରୀମାନଙ୍କୁ ପ୍ରଦାନ କରାଯାଇଥିବା ସ୍ୱର୍ଣ୍ଣ ପଦକ ଦେଶ ପାଇଁ ଗର୍ବର ବିଷୟ ।

# ବିଜେପି ପ୍ରତିଷ୍ଠା ଦିବସର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ବିଜେପି ପ୍ରତିଷ୍ଠା ଦିବସର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶ୍ୱର ସର୍ବବୃହତ ରାଜନୈତିକ ସଂଗଠନ ବିଜେପିର ୪୭ ତମ ପ୍ରତିଷ୍ଠା ଦିବସ ଅବସରରେ ମୁଁ ଦଳର ସମସ୍ତ ଦେବଦୁର୍ଲଭ କାର୍ଯ୍ୟକର୍ତ୍ତା, ସମର୍ଥକ ଏବଂ ଆମ ଉପରେ ବିଶ୍ୱାସ ରଖିଥିବା ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମ ଦଳ କେବଳ ଏକ ରାଜନୈତିକ ସଂରଚନା ନୁହେଁ, ବରଂ ଏହା ଆଦରଣୀୟ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଜୀ, ଆଦରଣୀୟ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ ଜୀ ଏବଂ ଆଦରଣୀୟ ଶ୍ରୀ ଅଟଳ ବିହାରୀ ବାଜପେୟୀ ଜୀଙ୍କ ପରି ମହାନ ବିଭୂତିମାନଙ୍କ ତ୍ୟାଗ, ଆଦର୍ଶ ଏବଂ ସନାତନ ଜୀବନ ମୂଲ୍ୟବୋଧରେ ସିକ୍ତ ଏକ ଜୀବନ୍ତ ବିଚାରଧାରା । ’ରାଷ୍ଟ୍ର ପ୍ରଥମ’ ମନ୍ତ୍ରରେ ଅନୁପ୍ରାଣିତ ଏହି ରାଷ୍ଟ୍ରବାଦୀ ପରିବାର ଆଜି ଏକ ବିଶାଳ ବଟବୃକ୍ଷ ସଦୃଶ କୋଟି କୋଟି ଭାରତୀୟଙ୍କ ଆଶା ଓ ବିଶ୍ୱାସକୁ ପରିପୂର୍ଣ୍ଣ କରୁଛି । ଭାଜପାର ଏହି ବିକାଶ ଯାତ୍ରା କେବଳ କ୍ଷମତା ପାଇଁ ନୁହେଁ, ବରଂ ସଂସ୍କାର ଓ ସେବାର ଏକ ନିରନ୍ତର ପ୍ରବାହ । ’ଅନ୍ତ୍ୟୋଦୟରୁ ରାଷ୍ଟ୍ରୋଦୟ’ ପର୍ଯ୍ୟନ୍ତ ଆମର ଯେଉଁ ସଂକଳ୍ପ ରହିଛି, ତାହା ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ପାଖରେ ବିକାଶର ସୁଫଳ ପହଂଚାଇବା ପାଇଁ ଉଦ୍ଦିଷ୍ଟ । ଆଜି ଓଡ଼ିଶାରେ ବିକାଶର ଯେଉଁ ନୂଆ ଯୁଗ ସୃଷ୍ଟି ହୋଇଛି, ତାହା ଆମର ନିଷ୍ଠାପର, କର୍ମଠ କାର୍ଯ୍ୟକର୍ତ୍ତାଙ୍କ ଅକ୍ଲାନ୍ତ ପରିଶ୍ରମ ଏବଂ ସାଙ୍ଗଠନିକ ଏକତାର ପରିଣାମ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆସନ୍ତୁ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ’ସମୃଦ୍ଧ ଓଡ଼ିଶା’ ତଥା ’ବିକଶିତ ଭାରତ’ ଗଠନର ଏହି ମହାନ ଯଜ୍ଞରେ ନିଜକୁ ପୁନଃ ସମର୍ପିତ କରିବା । ପ୍ରତ୍ୟେକ କାର୍ଯ୍ୟକର୍ତ୍ତାଙ୍କ ନିଃସ୍ୱାର୍ଥପର ସେବା ଓ ନିଷ୍ଠା ହିଁ ଆମର ଶକ୍ତି ଏବଂ ଭବିଷ୍ୟତ ପାଇଁ ପ୍ରେରଣା ।

# ଓଡ଼ିଶାରେ ଯଥେଷ୍ଟ ପରିମାଣରେ ପେଟ୍ରୋଲ, ଡିଜେଲ୍ ଏବଂ ଏଲପିଜି ଗଚ୍ଛିତ ଅଛି

ଭୁବନେଶ୍ୱର : ଓଡ଼ିଶାରେ ଯଥେଷ୍ଟ ପରିମାଣରେ ପେଟ୍ରୋଲ, ଡିଜେଲ୍ ଏବଂ ଏଲପିଜି ମହଜୁଦ ରହିଛି । ଭୟଭୀତ କିମ୍ବା ଆଶଙ୍କାଗ୍ରସ୍ତ ହୋଇ କିଣାକିଣି କରିବାର କୌଣସି ଆବଶ୍ୟକତା ନାହିଁ । ଆଜି ଭୁବନେଶ୍ୱରରେ ଇଣ୍ଡିଆନ୍ ଅଏଲ୍ ଏବଂ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ, (ପିଆଇବି), ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଆଶ୍ୱାସନା ଦିଆଯାଇଛି । ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ (ଆଇଓସିଏଲ)ର ମୁଖ୍ୟ ମହାପ୍ରବନ୍ଧକ, ଓଡ଼ିଶା ମୁଖ୍ୟ ତଥା ତୈଳ ଉଦ୍ୟୋଗଗୁଡ଼ିକର ରାଜ୍ୟସ୍ତରୀୟ ସଂଯୋଜକ କମଲ୍ ଶିଲ୍ ଏହି ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିଥିଲେ । ପଶ୍ଚିମ ଏସିଆରେ ଯୁଦ୍ଧ ସଂକଟ ପରିପ୍ରେକ୍ଷୀରେ ରାଜ୍ୟରେ ଇନ୍ଧନ ଉପଲବ୍ଧତା ଓ ୫ କିଗ୍ରା ଏଲପିଜି ସିଲିଣ୍ଡର ସଂକ୍ରାନ୍ତରେ ରହିଥିବା ଭୁଲ୍ ଧାରଣା ସମ୍ପର୍କରେ ସେ ସ୍ପଷ୍ଟୀକରଣ ରଖିଛନ୍ତି । ସେ କହିଛନ୍ତି, ଓଡ଼ିଶାରେ ତୈଳ ଓ ଗ୍ୟାସ ଯୋଗାଣ ସ୍ଥିର ଓ ସ୍ୱାଭାବିକ ରହିଛି । ରାଜ୍ୟ ସରକାର, ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ଏବଂ ତୈଳ ବିପଣନ କମ୍ପାନୀ (ଓଏମସି)ଗୁଡ଼ିକ ପାରସ୍ପରିକ ସମନ୍ୱୟ ମାଧ୍ୟମରେ ପେଟ୍ରୋଲ, ଡିଜେଲ ଓ ଏଲପିଜି ଯୋଗାଣକୁ




ସୁବ୍ୟବସ୍ଥିତ କରିବାକୁ ପଦକ୍ଷେପ ନେଉଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଶ୍ରୀ କମଲ ଶୀଲ୍ ଗୁରୁତ୍ୱାରୋପ କରି କହିଥିଲେ ଯେ ସମସ୍ତ ଖୁଚୁରା ବିକ୍ରୟ କେନ୍ଦ୍ର ସ୍ୱାଭାବିକ ଭାବରେ କାର୍ଯ୍ୟ କରୁଛି । ଏସବୁ ବିକ୍ରୟ କେନ୍ଦ୍ରରେ ପର୍ଯ୍ୟାପ୍ତ ଷ୍ଟକ୍ ଉପଲବ୍ଧ ଅଛି । କୌଣସି ଏଲପିଜି ବିତରକଙ୍କ ପାଖରେ କୌଣସି ଗ୍ୟାସ ଅଭାବ ନାହିଁ ବୋଲି ପୁନର୍ବାର ଆଶ୍ୱାସନା ଦିଆଯାଇଛି । ସାମଗ୍ରିକ ଇନ୍ଧନ ସ୍ଥିତି ସମ୍ପର୍କରେ ସୂଚନା ଦେଇ ଏଲପିଜି, ପେଟ୍ରୋଲ କିମ୍ବା ଡିଜେଲର କୌଣସି ଅଭାବ ନାହିଁ ବୋଲି ଜନସାଧାରଣଙ୍କୁ ବାର୍ତ୍ତା ଦିଆଯାଇଛି । ଘରୋଇ ଗ୍ୟାସ ଯୋଗାଣ ସମ୍ପୂର୍ଣ୍ଣ ସ୍ଥିର ରହିଛି । ବାଣିଜ୍ୟିକ ଗ୍ୟାସ ଯୋଗାଣ ମଧ୍ୟ ସ୍ୱାଭାବିକ ଅବସ୍ଥାକୁ ଫେରୁଛି । ବର୍ତ୍ତମାନ ୭୦% ଉପଲବ୍ଧତା ହାସଲ ହୋଇସାରିଛି । ହସ୍ପିଟାଲ, ସ୍କୁଲ, ଛାତ୍ରାବାସ, ଅଙ୍ଗନୱାଡି ଏବଂ ଆହାର କେନ୍ଦ୍ର ଆଦି ଅତ୍ୟାବଶ୍ୟକ ପ୍ରତିଷ୍ଠାନ ପାଇଁ ଯୋଗାଣକୁ ପ୍ରାଥମିକତା ଦିଆଯାଉଛି । ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ, ହୋଟେଲ ସଂଘ ଏବଂ ଜିଲ୍ଲା ପର୍ଯ୍ୟଟନ ଅଧିକାରୀଙ୍କ ସହିତ ସମନ୍ୱୟ ସ୍ଥାପନ କରି ହୋଟେଲ, ରେସ୍ତୋରାଁ ଏବଂ ଢାବାଗୁଡ଼ିକୁ ସେମାନଙ୍କ ହାରାହାରି ବ୍ୟବହାରର ୨୦% ରେ ବାଣିଜ୍ୟିକ ଏଲପିଜି ଯୋଗାଣ କରାଯାଉଛି । ଶ୍ରୀ କମଲ ଶୀଲ୍ ଆହୁରି କହିଥିଲେ, ରାଜ୍ୟର ସହରାଂଚଳରେ ପାଇପ୍ଡ ନେଚୁରାଲ୍ ଗ୍ୟାସ୍ (ପିଏନଜି) ସଂଯୋଗ ନେବାକୁ ଉପଭୋକ୍ତାମାନଙ୍କୁ ଉତ୍ସାହିତ କରାଯାଉଛି । ସହରାଂଚଳରେ ପିଏନଜି ସଂଯୋଗ ଅଧିକ ସୁବିଧାଜନକ, ସୁରକ୍ଷିତ ଏବଂ ଅପେକ୍ଷାକୃତ ଶସ୍ତା ହୋଇଥିବା କାରଣରୁ ଉପଭୋକ୍ତାଙ୍କ ରୋଷେଇ ଖର୍ଚ୍ଚ ମଧ୍ୟ ହ୍ରାସ ପାଇବ ।

# ପରିଚୟପତ୍ର ଦେଖାଇ ଶ୍ରମିକ ଓ ଛାତ୍ରଛାତ୍ରୀ କିଣି ପାରିବେ ୫ କେଜି ଗ୍ୟାସ ସିଲିଣ୍ଡର : ମନ୍ତ୍ରୀ



ଭୁବନେଶ୍ୱର: ଶ୍ରମିକ ଓ ଛାତ୍ରଛାତ୍ରୀ କିଣି ପାରିବେ ୫ କେଜି ଗ୍ୟାସ ସିଲିଣ୍ଡର । ସେମାନେ ପରିଚୟପତ୍ର ଦେଖାଇଲେ ତାଙ୍କୁ ୫ କେଜି ଏଲପିଜି ମିଳିବ । ସେହିପରି ଇ-କେୱାଇସି ମାଧ୍ୟମରେ ବିକ୍ରୟ ହେଉଥିବା ୫ କିଲୋଗ୍ରାମ ଘରୋଇ ସିଲିଣ୍ଡର ଉପରେ କୌଣସି କଟକଣା ନାହିଁ । ଏନେଇ ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି । ୫ କେଜି ଗ୍ୟାସ୍ ର ଅବୈଧ ବିକ୍ରି ଉପରେ କଟକଣା ଲାଗିଛି । ସେହିପରି ଚାରିଦିନ ପୂର୍ବରୁ ସୂଚନାଥିଲା କି, ରାଜ୍ୟରେ ବନ୍ଦ ହେବ ଏଲପିଜି, ମିଳିବ ପିଏନ୍‌ଜି । ଲୋକସେବା ଭବନରେ ତୈଳ କମ୍ପାନୀର ପ୍ରତିନିଧି ଏବଂ ଯୋଗାଣ ବିଭାଗ ସଚିବଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏହି ସୂଚନା ଦେଇଥିଲେ । କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ ଯେ, ଏଣିକି ଆଉ ଖୋଲା ବଜାରରେ ୫କେଜି ଗ୍ୟାସ୍ ଟାଙ୍କି ମିଳିବ ନାହିଁ । ଖୋଲାରେ ଗ୍ୟାସ୍ ବିକ୍ରି ହୋଇପାରିବ ନାହିଁ । ଖୋଲାରେ ଗ୍ୟାସ୍ ମିଳୁଥିବାରୁ ବ୍ୟାପକ କଳାବଜାର ହେଉଛି । ରାଜ୍ୟର କୌଣସି ସ୍ଥାନରେ ଆଉ ଖୋଲାରେ ଗ୍ୟାସ୍ ଭର୍ତ୍ତି କରାଯାଇ ପାରିବ ନାହିଁ । କେବଳ ଏଜେନ୍ସି ଏବଂ ଲାଇସେନ୍ସପ୍ରାପ୍ତ ଦୋକାନୀ ହିଁ ଗ୍ୟାସ୍ ବିକ୍ରି କରିବେ । ପେଟ୍ରୋଲ ଓ ଡିଜେଲ କେନ୍ଦ୍ର ସରକାରଙ୍କ ଦାୟିତ୍ୱରେ ଅଛି, ଯାହା କେନ୍ଦ୍ର ସରକାର ନିଷ୍ପତି ନେଉଛନ୍ତି ତାକୁ ଆମେ ମାନିବୁ । ଜଣେ ବ୍ୟକ୍ତିଙ୍କ ନାମରେ ଏକାଧିକ ଗ୍ୟାସ ସଂଯୋଗ ଏବଂ ମୃତ ବ୍ୟକ୍ତିଙ୍କ ନାମରେ ଥିବା ଗ୍ୟାସ୍ ସଂଯୋଗକୁ ବନ୍ଦ କରାଯାଇପାରିବ ।

# ଭାରତୀୟଙ୍କ ଉର୍ଜ୍ଜା ସୁରକ୍ଷାକୁ ପ୍ରାଥମିକତା
## ସୁରକ୍ଷିତ ଭାବେ ହର୍ମୁଜ୍ ଅତିକ୍ରମ କରିଛି ୮ ଏଲପିଜିବାହୀ ଜାହାଜ

ନୂଆଦିଲ୍ଲୀ : ପଶ୍ଚିମ ଏସିଆରେ ସଂଘର୍ଷ ଆରମ୍ଭ ହେବା ପରଠାରୁ ଭାରତ ସରକାର ଦେଶର ଉର୍ଜ୍ଜା ଆବଶ୍ୟକତା ସୁନିଶ୍ଚିତ କରିବାକୁ ସକ୍ରିୟ ପଦକ୍ଷେପ ଗ୍ରହଣ କରୁଛନ୍ତି । ଭାରତ ଉତେଜନା ହ୍ରାସ, ସଂଯମ ଆଚରଣ ଏବଂ କୂଟନୈତିକ ଆଲୋଚନା ମାଧ୍ୟମରେ ସଂଘର୍ଷର ଶୀଘ୍ର ଅବସାନ ପାଇଁ ଆହ୍ୱାନ ଜଣାଇ ଆସୁଥିବା ବେଳେ ହର୍ମୁଜ ପ୍ରଣାଳୀରେ ନିର୍ବିଘ୍ନ, ମୁକ୍ତ ଓ ସୁରକ୍ଷିତ ଯାତାୟାତ ପାଇଁ ମଧ୍ୟ ଜୋର ଦେଉଛି, ଯାହାଦ୍ୱାରା ଭାରତ ସହିତ ବିଶ୍ୱ ସମୁଦାୟର ଉର୍ଜ୍ଜା ଯୋଗାଣ ଅବାରୋଧ ରହିପାରିବ । ଜାତିସଂଘ ଓ ଅନ୍ତର୍ଜାତୀୟ ନୌବାଣିଜ୍ୟ ସଂଗଠନ ପରି ବହୁପକ୍ଷୀୟ ମଂଚରେ ଭାରତ ଅନ୍ତର୍ଜାତୀୟ ଆଇନ ଅନୁସାରେ ବାଣିଜ୍ୟିକ ଜାହାଜ ଓ ନାବିକମାନଙ୍କ ସୁରକ୍ଷା ପାଇଁ ଉଠୁଥିବା ଆହ୍ୱାନକୁ ସମର୍ଥନ କରୁଛି । ସେହିସହିତ ଉପସାଗରୀୟ ଦେଶଗୁଡ଼ିକରେ ବସବାସ କରୁଥିବା ପ୍ରାୟ ୧ କୋଟି ଭାରତୀୟଙ୍କ ସୁରକ୍ଷା ଓ ନିରାପତା ସୁନିଶ୍ଚିତ କରିବା ଭାରତର ବୃହତର ଉଦ୍ଦେଶ୍ୟ ରହିଛି । ଏହି ସଂଘର୍ଷରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବା ଏବଂ ହର୍ମୁଜ ପ୍ରଣାଳୀ ଦେଇ ଆମ ତୈଳ ଓ ଗ୍ୟାସବାହୀ ଜାହାଜଗୁଡ଼ିକର ସୁରକ୍ଷିତ ଯାତାୟାତ ସୁନିଶ୍ଚିତ କରିବା ପାଇଁ ଆମେ ତୀବ୍ର କୂଟନୈତିକ ଉଦ୍ୟମ କରିଥିଲୁ । ଆମ ପ୍ରଧାନମନ୍ତ୍ରୀ ଇରାନ, ସାଉଦୀ ଆରବ, ଜୋର୍ଡାନ, ବାହାରିନ, ଓମାନ, କୁଏତ୍, କତର, ୟୁଏଇ ପରି ବିଭିନ୍ନ ପଶ୍ଚିମ ଏସୀୟ ଦେଶର ନେତୃବୃନ୍ଦଙ୍କ ସହ ଦୁଇଥର ଲେଖାଏଁ ଆଲୋଚନା କରିସାରିଲେଣି । ଏହା ସହିତ ସେ ଆମେରିକା, ଇସ୍ରାଏଲ, ଫ୍ରାନ୍ସ, ମାଲେସିଆ ପ୍ରଭୃତି ଦେଶର ନେତାମାନଙ୍କ ସହ ଆଲୋଚନା କରିଛନ୍ତି । ସେହିପରି ବୈଦେଶିକ ମନ୍ତ୍ରୀ ମଧ୍ୟ ପଶ୍ଚିମଏସିଆରେ ଥିବା ତାଙ୍କ ପ୍ରତିପକ୍ଷମାନଙ୍କ ସହ ଆଲୋଚନା କରିଛନ୍ତି । ଏହାର ଫଳସ୍ୱରୂପ ଆମର ୮ଟି ଏଲପିଜିବାହୀ ଜାହାଜ ହର୍ମୁଜ ପ୍ରଣାଳୀ ଅତିକ୍ରମ କରିସାରିଛି । ସେସବୁ ଜାହାଜ ହେଲା ଶିବାଲିକ୍, ନନ୍ଦା ଦେବୀ, ଜଗ୍ ବସନ୍ତ, ପାଇନ ଗ୍ୟାସ୍, ବିଡବ୍ଲୁ ଟାଇର, ବିଡବ୍ଲୁ ଇଏଲ୍‌ଏମ, ଗ୍ରୀନ ସାନଭୀ, ଗ୍ରୀନ ଆଶା । ଏସବୁ ଜାହାଜଗୁଡ଼ିକ ମାଧ୍ୟମରେ ପ୍ରାୟ ୧୯୭ ଜଣ ନାବିକ ମଧ୍ୟ ସୁରକ୍ଷିତ ଭାରତରେ ପହଂଚିଛନ୍ତି । ଏହି ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ପାରସ୍ୟ ଉପସାଗରରେ ପ୍ରାୟ ୨୪ଟି ଭାରତୀୟ ଜାହାଜ ଅଟକି ରହିଥିଲା, କିନ୍ତୁ ଏବେ ତାହା ୧୬କୁ ଖସିଆସିଛି । ଆମ ଦେଶର ଜାହାଜଗୁଡ଼ିକ ଯେପରି ସୁରକ୍ଷିତଭାବେ ହର୍ମୁଜ ପ୍ରଣାଳୀ ଅତିକ୍ରମ କରନ୍ତି ତାହା ସୁନିଶ୍ଚିତ କରିବାକୁ ଇରାନ ଓ ଅନ୍ୟ ଦେଶମାନଙ୍କ ସହ ଆଲୋଚନା ଜାରି ରହିଛି । ଆମ ଦେଶର ଲୋକମାନଙ୍କ ଶକ୍ତି ଆବଶ୍ୟକତା ପୂରଣ ପାଇଁ ସରକାର ନିରନ୍ତର ଉଦ୍ୟମ କରୁଛନ୍ତି । କେବଳ ଏତିକି ନୁହେଁ, ହର୍ମୁଜ ପ୍ରଣାଳୀ ଅତିକ୍ରମ କରିବା ପରେ ଓ ଭାରତରେ ନିଜର ଗନ୍ତବ୍ୟରେ ପହଂଚିବା ପର୍ଯ୍ୟନ୍ତ ଜାହାଜଗୁଡ଼ିକୁ ଭାରତୀୟ ନୌସେନା ସୁରକ୍ଷା ଦେଇଆସୁଛି । ଅପରେସନ ସଂକଳ୍ପ ମାଧ୍ୟମରେ ୨୦୧୯ରୁ ଓମାନ ଉପସାଗର ଓ ଆରବ ସାଗରରେ ନିୟମିତ ପ୍ରହରା ଦେଉଥିବା ଭାରତୀୟ ନୌସେନା ଏସବୁ ଜାହାଜର ସୁରକ୍ଷା ସୁନିଶ୍ଚିତ କରୁଛି ।

# ୧୪ ବିଶ୍ୱବିଦ୍ୟାଳୟ ପାଇଁ ନୂଆ କୁଳପତି ନିଯୁକ୍ତ
## ଫକୀର ମୋହନ ବିଶ୍ୱବିଦ୍ୟାଳୟର ଦାୟିତ୍ୱ ନେଲେ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ




ଭୁବନେଶ୍ୱର : ୧୪ ବିଶ୍ୱବିଦ୍ୟାଳୟ ପାଇଁ ନୂଆ କୁଳପତି ନିଯୁକ୍ତ ହୋଇଛନ୍ତି । ନୂଆ କୁଳପତି ନିଯୁକ୍ତ କଲେ କୁଳାଧିପତି ତଥା ରାଜ୍ୟପାଳ ହରିବାବୁ କମ୍ଭମପାଟି । ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ନିଯୁକ୍ତ ହୋଇଛନ୍ତି ପ୍ରଫେସର ଚଣ୍ଡି ପ୍ରସାଦ ନନ୍ଦ । ସେହିପରି ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି ହେଲେ ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର । ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କୁ ଦାୟିତ୍ୱ ଦିଆଯାଇଛି । ସେହିପରି ଧରଣୀଧର ବିଶ୍ୱବିଦ୍ୟାଳୟ କୁଳପତି- ପ୍ରଫେସର ସଞ୍ଜୟ କୁମାର ପାତ୍ର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି- ପ୍ରଫେସର ବ୍ୟୋମକେଶ ତ୍ରିପାଠୀ, ଖଲ୍ଲିକୋଟ ୟୁନିଟାରୀ ବିଶ୍ୱବିଦ୍ୟାଳୟ କୁଳପତି - ପ୍ରଫେସର ଅସୀମା ସାହୁ, ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କୁଳପତି- ପ୍ରଫେସର ପବନ କୁମାର ଅଗ୍ରୱାଲ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ କୁଳପତି - ପ୍ରଫେସର ଶିବରାମ ତ୍ରିପାଠୀ, MSCBD ବିଶ୍ୱବିଦ୍ୟାଳୟ କୁଳପତି - ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି - ପ୍ରଫେସର ବିଭୂତି ଭୂଷଣ ମଲିକ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କୁଳପତି - ପ୍ରଫେସର ଜ୍ୟୋତ୍ସ୍ନା କେବି ରାଉତ, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି - ପ୍ରଫେସର ପ୍ରଭାତ କୁମାର ମହାପାତ୍ର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ କୁଳପତି - ପ୍ରଫେସର ହୃଷିକେଶ ସେନାପତି, ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି - ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ।

# ଟି-୨୦ : ଟିମ୍ ଇଣ୍ଡିଆରେ ସ୍ଥାନ ପାଇବା ପାଇଁ ଆଠ ଓପନରଙ୍କ ମଧ୍ୟରେ ହେବ ପ୍ରତିଦ୍ୱନ୍ଦ୍ୱିତା



ନୂଆଦିଲ୍ଲୀ: ଦିନକୁ ଦିନ ଟି୨୦ରେ ଭାରତୀୟ କ୍ରିକେଟ ଟିମ ମଜଭୁତ ହେବାରେ ଲାଗିଛି । ୨୦୨୬ ଟି୨୦ ବିଶ୍ୱକପ ଜିତିବା ପରେ ପ୍ରଶଂସକଙ୍କ ଉତ୍କଣ୍ଠା ବୃଦ୍ଧି ପାଇଛି । ବର୍ତ୍ତମାନ ଟିମ ଇଣ୍ଡିଆରେ ସ୍ଥାନ ପାଇବା ପାଇଁ ଆଇପିଏଲରେ ଭିନ୍ନ ଭିନ୍ନ ଟିମ ପକ୍ଷରୁ ଖେଳୁଥିବା ୮ ଓପନରଙ୍କ ନଜର ରହିଛି । ୨୦୨୮ରେ ଟି୨୦ ବିଶ୍ୱକପ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଖେଳାଯିବ । ଖରାପ ଫର୍ମରେ ରହିଥିଲେ ମଧ୍ୟ ଅଭିଷେକ ଶର୍ମା ଏବେ ବି ପ୍ରଥମ ପସନ୍ଦ ରହିଛନ୍ତି । ସଞ୍ଜୁ ସାମସନ ତାଙ୍କୁ ମିଳୁଥିବା ସୁଯୋଗ ହାତଛଡା କରୁଛନ୍ତି । ବୈଭବ ସୂର୍ଯ୍ୟବଂଶୀ, ଯଶସ୍ୱୀ ଜୈସୱାଲ, ଆୟୁଷ ମାହାତ୍ରେ , ପ୍ରିୟାଂଶ ଆର୍ଯ୍ୟ, ପ୍ରଭସିମ୍ରନ ସିଂ, ଶୁଭମନ ଗିଲ ଓ ସାଇ ସୁଦର୍ଶନ ମଧ୍ୟ ଏହି ଦୌଡରେ ରହିଛନ୍ତି । ଗିଲ, ସୁଦର୍ଶନ ଦକ୍ଷତା ସମ୍ପନ୍ନ ଖେଳାଳି ହୋଇଥିବାରୁ ଟି୨୦ ଫର୍ମାଟ ପାଇଁ ନିଜକୁ ଭଲ ଭାବେ ପ୍ରସ୍ତୁତ କରିବା ବଡ କଥା ନୁହେଁ । ଯୁବ କ୍ରିକେଟରେ ଆଇପିଏଲରେ ଯେଉଁ ଭଳି ଫିୟରଲେସ କ୍ରିକେଟ ଖେଳୁଛନ୍ତି ତାହା ସମସ୍ତଙ୍କୁ ଚକିତ କରୁଛି । ହାତରେ ଆଉ ୨ ବର୍ଷ ସମୟ ଥିବାରୁ ଚୟନ କମିଟି ଯୁବ ଖେଳାଳିଙ୍କୁ ଏହି ଫର୍ମାଟ ପାଇଁ ଏବେଠାରୁ ପ୍ରସ୍ତୁତ କରିବେ ବୋଲି ଅନୁମାନ କରାଯାଉଛି । ଆଇପିଏଲର ଚଳିତ ସଂସ୍କରଣରେ ଏମାନେ କିପରି ପ୍ରଦର୍ଶନ କରୁଛନ୍ତି ସେଥିପ୍ରତି ନଜର ରହିବ ।

# ଏପ୍ରିଲ ୧୨ରେ ରାଜ୍ୟ ଓପନ ଚେସ୍ ଚାମ୍ପିଅନସିପ୍ ବିଭିନ୍ନ ବର୍ଗରେ ହେବ ପ୍ରତିଯୋଗିତା



ଭୁବନେଶ୍ୱର : ଅଲ୍ ଓଡ଼ିଶା ଚେସ୍ ସଂଘ (ଏଓସିଏ)ର ତତ୍ତ୍ୱାବଧାନରେ ଆରତୀ ୬୪ ସ୍କ୍ୱାୟର ଫାଉଣ୍ଡେସନ୍ ପକ୍ଷରୁ ରୟାଲ ପବ୍ଲିକ ସ୍କୁଲ କେଶୁରା ଠାରେ ଆସନ୍ତା ୧୨ ତାରିଖରେ ରାଜ୍ୟ ଓପନ ଚେସ୍ ଚାମ୍ପିଅନସିପ୍ ଆୟୋଜିତ ହେବ । ଏଥିରେ ମୋଟ ୭ ରାଉଣ୍ଡ୍ ଖେଳ ଅନୁଷ୍ଠିତ ହେବ । ୭, ୯, ୧୧, ୧୩, ୧୫ବର୍ଷରୁ କମ୍ ବର୍ଗ ସମେତ ବାଳିକା, ମହିଳା ଓ ଭେଟେରାନ ବର୍ଗରେ ପ୍ରତିଯୋଗିତା ହେବ । ଟୁର୍ଣ୍ଣାମେଂଟରେ ମୋଟ୍ ୪୦,୦୦୦ ଟଙ୍କାର ପୁରସ୍କାର ରାଶି ରଖାଯାଇଛି । ଚାମ୍ପିଅନ୍‌ଙ୍କୁ ୧୦,୦୦୦ଟଙ୍କା, ରନର୍ସ ଅପ୍ ?ଙ୍କୁ ୭,୦୦୦ଟଙ୍କା ଏବଂ ତୃତୀୟ ସ୍ଥାନ ପାଇଁ ୫,୦୦୦ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ । ଇଚ୍ଛୁକ ଥିବା ଖେଳାଳିମାନେ ୬୦୦ଟଙ୍କା ପ୍ରବେଶିକା ଫି’ ଦେଇ ଏହି ଟୁର୍ଣ୍ଣାମେଂଟରେ ଭାଗ ନେଇ ପାରିବେ । ଅଧିକ ସୂଚନା ପାଇଁ ସେମାନେ ଆସନ୍ତା ୯ ତାରିଖ ସୁଦ୍ଧା ଦେବାଶିଷ ପାଣିଗ୍ରାହୀଙ୍କୁ (୯୯୩୮୩୧୮୬୮୭) ଯୋଗାଯୋଗ କରିପାରିବେ ।

# ସେଂଟ୍ରାଲ ଏସିଆନ ହ୍ୟାଣ୍ଡବଲରେ ଭାରତକୁ ବ୍ରୋଞ୍ଜ

ଭୁବବେଶ୍ୱର: ଉଜବେକି ସ୍ଥାନର ସମରକାନ୍ଦରେ ୩୦ରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ସେଂଟ୍ରାଲ ଏସିଆନ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଭାରତ ବ୍ରୋଞ୍ଜ ପଦକ ସଫଳତା ହାସଲ କରିଛି । ପଦକ ଲଢେଇରେ ଭାରତ ୨୫-୨୦ ଗୋଲରେ କାଜାକିସ୍ଥାନକୁ ପରାଜିତ କରି ତୃତୀୟ ସ୍ଥାନ ହାସଲ କରିଥିଲା । ଏହି ପ୍ରତିଯୋଗିତାରେ ଓଡିଆ ପୁଅ ସ୍ୱସ୍ତିକ ମହାପ୍ରସାଦ ପତି ଉନ୍ନତ ଖେଳ ପ୍ରଦର୍ଶନ କରିଥିଲେ । ପ୍ରଶିକ୍ଷକ ଗୌରୀ ଶଙ୍କର ମିଶ୍ରଙ୍କ ତତ୍ତ୍ୱାବଧାନରେ ଭାରତୀୟ ଦଳ ଉଚ୍ଚ କୋଟିର ପ୍ରଦର୍ଶନ କରି ବ୍ରୋଞ୍ଜ ପଦକ ଜିତିବାକୁ ସକ୍ଷମ ହୋଇଛି । ସୂଚନା ଯୋଗ୍ୟ, ଗତବର୍ଷ ସେପଟ୍ଟେମ୍ବରରେ ପ୍ରଥମ ଏସିଆନ ଯୁବ ହ୍ୟାଣ୍ଡବଲ ଭାରତୀୟ ଦଳରେ ସ୍ଥାନ ପାଇ ଯୋଡାନ ଗସ୍ତ କରିଥିଲେ ସ୍ୱସ୍ତିକ ।



ଓଡିଶାର ପ୍ରଥମ ଅନ୍ତର୍ଜାତୀୟ ହ୍ୟାଣ୍ଡବଲ ଖେଳାଳି ଆର୍ଯ୍ୟନ ବ୍ରାହ୍ମିନଙ୍କ ଖେଳରେ ଅନୁପ୍ରାଣିତ ହୋଇ କୋଚ୍ ଗୌରୀଶଙ୍କରଙ୍କ ମିଶ୍ରଙ୍କ ନିକଟରୁ ପ୍ରଶିକ୍ଷଣ ନେଉଛନ୍ତି ସ୍ୱସ୍ତିକ । ଗତ ୨୦୨୪ ରେ ଓଡିଶାର ଆର୍ଯ୍ୟନ ବ୍ରାହ୍ମିନ ମଧ୍ୟ ଏହି ପ୍ରତିଯୋଗିତାରେ ବ୍ରୋଞ୍ଜ ଜିତି ଓଡିଶା ପାଇଁ ଗୌରବ ଆଣିଥିଲେ । ସ୍ୱସ୍ତିକ ଗୌରୀଶଙ୍କରର ଏହି ସଫଳତା ପାଇଁ ଓଡିଶା ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ସିତେନ୍ଦ୍ର ନାଥ ଦାସ ଏବଂ ଭୁବନେଶ୍ୱର ହ୍ୟାଣ୍ଡବଲ ସଂଘ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଉଭୟଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**